بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା: 22

ବାର୍ଷିକ ଦେୟ : 600/-

www.akhbarbadr.in

21 ଜୁଲ୍‌କାଦା 1445 ହି.କ, 23 ହିଜ୍ରତ୍ 1403 ହି.ଶ, 30 May-2024 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

اِنَّ الَّذِیۡنَ اٰمَنُوۡا وَالَّذِیۡنَ هَادُوۡا وَالصّٰبِـُٔوۡنَ وَالنَّصٰرٰی مَنۡ اٰمَنَ بِاللّٰہِ وَالۡیَوۡمِ الۡاٰخِرِ وَعَمِلَ صَالِحًا فَلَا خَوۡفٌ عَلَیۡهِمۡ وَلَا هُمۡ یَحۡزَنُوۡنَ

(ଅଲ୍ ମାଏଦା-70)

**ଅନୁବାଦ :** ଯେଉଁମାନେ ବିଶ୍ୱାସକାରୀ ଓ ଯେଉଁମାନେ ଇହୁଦୀ ଏବଂ ସାବି ଓ ଖ୍ରୀଷ୍ଟିଆନ (ଏମାନଙ୍କ ମଧ୍ୟରୁ) ଯେଉଁମାନ ଅଲ୍ଲାଃତାଲା ଏବଂ ଅନ୍ତିମ ଦିବସ ଉପରେ ପ୍ରକୃତରେ ବିଶ୍ୱାସ କରିଛନ୍ତି ଏବଂ ସତ୍‌କାର୍ଯ୍ୟ କରିଛନ୍ତି ସେମାନଙ୍କର ଭବିଷ୍ୟତ ପାଇଁ କୌଣସି ଭୟ ନାହିଁ କି ଅତୀତ ପାଇଁ ସେମାନେ ଦୁଃଖିତ ହେବେ ନାହିଁ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନ୍‌ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଯଥା ସ୍ଥାନରେ ଧନକୁ ବ୍ୟୟ କରିବା ଏବଂ ଅନ୍ୟମାନଙ୍କୁ ବିଦ୍ୟା ଶିଖାଇବାର ମହତ୍ତ୍ୱ

**(1409)** ହ. ଇବ୍‌ନେ ମସ୍‌ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ଠାରୁ ଶୁଣିଛି ଯେ, ଆପଣ ସ.ଅ କହୁଥିଲେ, ଦୁଇଟି ବସ୍ତୁ (ବ୍ୟକ୍ତି) ଉପରେ କେବେ ବି ଗର୍ବ କରିବା ଉଚିତ୍ ନୁହଁ । 1- ଜଣେ ହେଉଛି ସେହି ବ୍ୟକ୍ତି ଯାହାକୁ ଅଲ୍ଲାଃତାଲା ଧନ ପ୍ରଦାନ କଲେ ଏବଂ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ପ୍ରଦାନ କରିଥିବା ଧନକୁ ଯଥା ସ୍ଥାନରେ ବ୍ୟୟ କରିବା ନିମନ୍ତେ ସାମର୍ଥ୍ୟ ମଧ୍ୟ ପ୍ରଦାନ କଲେ । 2- ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ସତ୍‌ଜ୍ଞାନ ପ୍ରଦାନ କଲେ ଏବଂ ଉକ୍ତ ବ୍ୟକ୍ତି ଜଣକ ପ୍ରଭୁଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନ ଉପରେ ସ୍ୱୟଂ କାର୍ଯ୍ୟାନୁସରଣ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଈଶ୍ୱରଦତ୍ତ ଜ୍ଞାନରୁ ଶିକ୍ଷା ପ୍ରଦାନ କରିଥାଏ ।

### ପବିତ୍ର ଧନରୁ ସଦ୍‌କା ଏବଂ ଜକାତ୍ ପ୍ରଦାନ କରିବା :

**(1410)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି ଧର୍ମ ବିତ୍ତ (ପବିତ୍ର ରୋଜଗାର)ରୁ ଏକ ଖଜୁରୀ କୋଳି ତୁଲ୍ୟ ସଦ୍‌କା (ଦାନ) କଲା ତେବେ ଅଲ୍ଲାଃତାଲା ସେହି ସଦ୍‌କାକୁ ନିଜର ଦକ୍ଷିଣ ହସ୍ତରୁ ସ୍ୱୀକାର କରନ୍ତି । ଅଲ୍ଲାଃତାଲା ପବିତ୍ର ବସ୍ତୁ ହିଁ ସ୍ୱୀକାର କରନ୍ତି । ପୁନଶ୍ଚ ସଦ୍‌କା ପ୍ରଦାନକାରୀକୁ ତା' ଧନରେ ପ୍ରାଚୁର୍ଯ୍ୟତା ପ୍ରଦାନ କରିଥାଆନ୍ତି । ସେହିପରି ତା' ଧନକୁ ଅଜସ୍ର ବୃଦ୍ଧି କରିଥାଆନ୍ତି ଯେପରିକି ତୁମମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଛେଳୀ କିମ୍ବା ବାଛୁରୀ ଛୁଆ ପାଳନ କରିଥାଏ । ଏପର୍ଯ୍ୟନ୍ତକି ସେହି ସଦ୍‌କା ପର୍ବତ ପରି ହୋଇଯାଇଥାଏ (ଅର୍ଥାତ୍ ବ୍ୟକ୍ତିର ସଦ୍‌କା ଦେବା ଦ୍ୱାରା ଅଲ୍ଲାଃତାଲା ଉକ୍ତ ବ୍ୟକ୍ତିର ଧନ ଜୀବନରେ ଅଜସ୍ର ପ୍ରାଚୁର୍ଯ୍ୟତା ଏବଂ କଲ୍ୟାଣ ପ୍ରଦାନ କରିଥାଆନ୍ତି) ।

**(ସହି ବୁଖାରୀ, ଭାଗ-3 କିତାବୁଜ ଜକାତ୍, ପ୍ରକାଶନ ସ୍ଥାନ-କାଦିଆନ୍, 2008 ମସିହା)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଧର୍ମାଧ୍ୟକ୍ଷ, ଅବତାର ଓ ସନ୍ଥମାନଙ୍କର ବିରୋଧ, ସେମାନଙ୍କୁ କଷ୍ଟ ଦେବା ଦ୍ୱାରା କେବେ ବି ସୁଫଳ ଦେଇ ନଥାଏ । ଯେଉଁ ବ୍ୟକ୍ତି ଏହା ମନେକରେ ଯେ, ମୁଁ ସେହି ଭକ୍ତ, ସନ୍ଥମାନଙ୍କୁ ଦୁଃଖ ଦେଇ ସୁଖରେ ରହିବି, ତେବେ ସେ ତ୍ରୁଟି କରିଥାଏ ଏବଂ ଆତ୍ମା ତାହାକୁ ଧୋକା (ପ୍ରତାରଣା) ଦେଇଥାଏ ।**

ଏହା ନିୟମଭିତ୍ତିକ ପ୍ରସଙ୍ଗ ଯେ, ଯେତେବେଳେ କୌଣସ୍ୟ ବ୍ୟକ୍ତି ପ୍ରେମ କରିଥାଏ ଏବଂ ଏପରି ପ୍ରେମ ଯେପରିକି ଜଣେ ବ୍ୟକ୍ତି ନିଜ ସନ୍ତାନକୁ ଭଲ ପାଇଥାଏ। କିନ୍ତୁ ଅନ୍ୟ ବ୍ୟକ୍ତି ଜଣକ ଏହା କହିବ କି ଏହି ବ୍ୟକ୍ତି ମରି ଯାଆନ୍ତା କି । ଏହି ପ୍ରକାରର ହୃଦୟ ବିଦାରକ କଥା କହି ଏବଂ ଉକ୍ତ ବ୍ୟକ୍ତିକୁ କଷ୍ଟ ଦିଏ, ତେବେ ସେ ପରିପ୍ରେକ୍ଷୀରେ ସେହି ବ୍ୟକ୍ତି କିପରି ପ୍ରସନ୍ନ ହୋଇପାରିବ ? ସେହିପରି ସେହି ପିତା ଯିଏ ନିଜ ସନ୍ତାନ ନିମନ୍ତେ ଅମକ ବ୍ୟକ୍ତି କୁପ୍ରାର୍ଥନା କରିଥାଏ କିମ୍ବା ଅପ୍ରସନ୍ନମୂଳକ ବାକ୍ୟ ତା' ସପକ୍ଷରେ କହିବ। ତେବେ ସେହି ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ କିପରି ଭଲ ପାଇ ପାରିବ ? ସେହିପରି ଈଶ୍ୱରଙ୍କ ସନ୍ଥମାନେ ମଧ୍ୟ ଅଲ୍ଲାଃତାଲାଙ୍କର ସନ୍ତାନ ପରି ଅଟନ୍ତି । କାରଣ ସେମାନେ ଶାରୀରୀକ ସାବାଳକର ଜାମା କାଢି ଦେଇଛନ୍ତି ଏବଂ ଅଲ୍ଲାଃତାଲାଙ୍କ ଦୟାମୟ କୋଳରେ ଲାଳିତ ପାଳିତ ହୋଇ ଥାଆନ୍ତି । ପ୍ରଭୁ ସେମାନଙ୍କର ବନ୍ଧୁ, ପାଳନକର୍ତ୍ତା ହୋଇଯାଆନ୍ତି ଏବଂ ସେମାନଙ୍କ ନିମନ୍ତେ ଅଭିମାନୀ ହୋଇଯାଆନ୍ତି । ଯେତେବେଳେ କୌଣସି ବ୍ୟକ୍ତି (ସେ ପଛେ ଯେପରିକା ନମାଜ ପାଠକାରୀ ଏବଂ ବ୍ରତଚାରୀ ହେଉ ନା କାହିଁକି) ସେମାନଙ୍କର ବିରୋଧ କରିଥାଏ ଓ ସେମାନଙ୍କୁ କଷ୍ଟ ଦେବା ନିମନ୍ତେ ତତ୍ପର ହୋଇଯାଇଥାଏ ତେବେ ସେ ପରିପ୍ରେକ୍ଷୀରେ ଅଲ୍ଲାଃତାଲାଙ୍କର ସ୍ୱାଭିମାନ ଆବେଗିତ ହୋଇଥାଏ ଏବଂ ସେହି ସାଧୁ ସନ୍ଥମାନଙ୍କର ବିରୋଧକାରୀଙ୍କୁ ଉପରେ ପ୍ରଭୁଙ୍କ କୋପ ଅବତୀର୍ଣ୍ଣ ହୋଇଥାଏ। ତାହା ଏଇଥି ପାଇଁ ଯେ, ସେମାନେ ପ୍ରଭୁଙ୍କ ପ୍ରିୟ ଭକ୍ତଙ୍କୁ ଦୁଃଖ ଦେବାକୁ ଚାହିଁଛନ୍ତି । ଅତଃ ସେତେବେଳେ ନା କୌଣସି ନମାଜ କାମ ଦେଇଥାଏ ଓ ନା ହିଁ ରୋଜା (ଓଷା) କାମ ଦେଇଥାଏ । କାରଣ ବ୍ୟକ୍ତି ନମାଜ ଏବଂ ଓଷା ବ୍ରତ ମାଧ୍ୟମରେ ସେହି ଅସ୍ତିତ୍ୱଙ୍କୁ ପ୍ରସନ୍ନ କରିବାର ଥିଲା ଯାହାଙ୍କୁ ଅନ୍ୟ କୃତ୍ୟ ଦ୍ୱାରା ସେ ଅପ୍ରସନ୍ନ ଏବଂ ରୁଷ୍ଟ କରିଦେଇଛି । ପୁନଶ୍ଚ ଯେପର୍ଯ୍ୟନ୍ତ ସେହି ଈଶ୍ୱରଙ୍କ କ୍ରୋଧ ତଥା କୋପ ଦୂରୀଭୂତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସେ ପ୍ରଭୁଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା କିପରି ପ୍ରାପ୍ତ କରିପାରିବ ? ସେହି ଅବୋଧ ବ୍ୟକ୍ତି ସେହି ସାଧନଜନିତ କ୍ରୋଧରୁ ଅପରିଚିତ ଓ ଅନବିଜ୍ଞ ହୋଇଥାଏ । ବରଂ ନିଜର ନମାଜ ଏବଂ ରୋଜା ଉପରେ ସେ ଗର୍ବ ଏବଂ ଅହଂକାର ବ୍ୟକ୍ତ କରିଥାଏ। ପିରଣାମ ଏହା ହୋଇଥାଏ ଯେ, ଈଶ୍ୱରଙ୍କ କୋପ ଦିନକୁ ଦିନ ବୃଦ୍ଧି ପାଇଥାଏ । ସେହି ବ୍ୟକ୍ତି (ଈଶ୍ୱରଙ୍କ ଭକ୍ତକୁ କଷ୍ଟ ଦେଉଥିବା ବ୍ୟକ୍ତି) ପ୍ରଭୁଙ୍କ ସାମୀପ୍ୟତା ପ୍ରାପ୍ତ କରିବା ବଦଳରେ ପ୍ରଭୁଙ୍କ ଠାରୁ ଦୂରେଇ ଯାଇଥାଏ । ଏପର୍ଯ୍ୟନ୍ତକି ସେ ସଂପୂର୍ଣ୍ଣ ରୂପେ ପ୍ରଭୁଙ୍କ ଦରବାରରୁ ବହିଷ୍କୃତ ହୋଇ ଯାଇଥାଏ । ଏହିପରି ଭବାରେ ଯେଉଁ ବ୍ୟକ୍ତି ସଂପୂର୍ଣ୍ଣ ରୂପେ ନିଶ୍ଚିହ୍ନ ଏବଂ ନିମଜ୍ଜିତ ଅବସ୍ଥାରେ ରହିଛି, ପ୍ରଭୁଙ୍କ ଆସ୍ଥାନ ଉପେରେ ପଡ଼ି ରହିଛି ଓ ପାଳନକର୍ତ୍ତାଙ୍କ କୋଳରେ ଲାଳିତ ପାଳିତ ହେଉଛି, ଈଶ୍ୱରଙ୍କ ଅଶେଷ କରୁଣା ତା'କୁ ଆଚ୍ଛାଦିତ କରିନେଇଛି । ଏପର୍ଯ୍ୟନ୍ତକି ତା'ର କଥାବାର୍ତ୍ତା କରିବା ଈଶ୍ୱରଙ୍କ କଥାବାର୍ତ୍ତା ସହିତ ସମକକ୍ଷ ଅଟେ । ତା'ର ବନ୍ଧୁ ଈଶ୍ୱରଙ୍କ ବନ୍ଧୁ, ତା'ର ଶତ୍ରୁ ଈଶ୍ୱରଙ୍କ ଶତ୍ରୁ ହୋଇଯାଇଥାଏ । ଏହିପରି ଭାବରେ ତା'ର ବିଶ୍ୱାସ ଛିନ୍ନ ହୋଇଯାଇଥାଏ । ଅତଏବ୍ ସାଧୁ ସନ୍ଥ ବା ଭକ୍ତଙ୍କର ଶତ୍ରୁ ହୋଇ କୌଣସି ବ୍ୟକ୍ତି ପୂର୍ଣ୍ଣ ବିଶ୍ୱାସକାରୀ କିପରି ହୋଇପାରିବ ? ଏହିପରି ଭବାରେ ସେହି ବ୍ୟକ୍ତିର (ସାଧୁ ସନ୍ଥ ଏବଂ ଈଶ୍ୱରଙ୍କ ଭକ୍ତମାନଙ୍କର ପ୍ରତି ବୈରାଗ୍ୟ, ବିଦ୍ୱେଷ ଓ ଶତ୍ରୁତା ଆଚରଣ ପ୍ରଦର୍ଶନ କରୁଥିବା ବ୍ୟକ୍ତି) ବିଶ୍ୱାସ ଛିନ୍ନ ହୋଇଯାଇଥାଏ ଏବଂ ସେହି ବ୍ୟକ୍ତିକୁ ମଗ୍‌ଜୁବ୍ ଅଲୈବହିମ୍ (ଯାହାଙ୍କ ଉପରେ ପ୍ରଭୁଙ୍କର କୋପ ଅବତୀର୍ଣ୍ଣ ହୋଇଥାଏ) ରୂପେ ବିବେଚିତ କରି ଦେଇଥାଏ । ଅଲ୍ଲାଃତାଲାଙ୍କ ପକ୍ଷରୁ ନିଯୁକ୍ତ ଧର୍ମାଧ୍ୟକ୍ଷ ଏବଂ ସାଧୁ ସନ୍ଥଙ୍କ ପ୍ରତି ବିରୋଧ, ଶତ୍ରୁତା ଆଚରଣ ପ୍ରଦର୍ଶନ କରିବା ଏବଂ ସେମାନଙ୍କୁ ଦୁଃଖ କଷ୍ଟ ଦେବା ଇତ୍ୟାଦି କାର୍ଯ୍ୟ କେବେ ବି ସୁଫଳ ଆଣିଦେଇ ନଥାଏ । ଯେଉଁ ବ୍ୟକ୍ତି ଏହା ଭାବିଥାଏ ଯେ, ମୁଁ ଈଶ୍ୱରଙ୍କ ସେହି ସାଧୁ ସନ୍ଥ ଏବଂ ଧର୍ମାଧ୍ୟକ୍ଷଙ୍କୁ ହଇରାଣ ହର୍କତ୍ କରି ନିଜେ ସୁଖ ଭୋଗ କରିବି ବା ନିଜେ ସୁଖରେ ରହିବି ତେବେ ସେ ପରିପ୍ରେକ୍ଷୀରେ ସେହି ବ୍ୟକ୍ତି ପ୍ରମାଦ କରିଥାଏ ଏବଂ ନିଜର ଆତ୍ମାକୁ ଧୋକା (ପ୍ରତାରଣା) ଦେଇଥାଏ । **(ମଲ୍‌ଫୁଜାତ୍, ଭାଗ-1 ପୃ-314, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆--☆--☆

# ଅଲ୍ଲାଃତାଲାଙ୍କ କୃପାରୁ ଅବତାରମାନେ ଯଦି ନିଷ୍ପାପ, ନିର୍ଦ୍ଦୋଷ ଏବଂ ନିରାପରାଧ ହୋଇଥାଆନ୍ତି ତେବେ ଅବତାରମାନେ اِغْفِرْلِیْ କହିବାର ତାତ୍ପର୍ଯ୍ୟ କ'ଣ ? ବିଶ୍ୱାସକାରୀର ବିଭିନ୍ନ ସ୍ତର ଅନୁଯାୟୀ اِغْفِرْلِیْ ର ଭିନ୍ନ ଭିନ୍ନ ଅର୍ଥ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ଇବ୍ରାହିମ୍‌ର ଆୟତ୍ ସଂଖ୍ୟା 42 رَبَّنَا اغْفِرْ لِیْ وَلِوَالِدَیَّ وَلِلْمُؤْمِنِیْنَ یَوْمَ یَقُوْمُ الْحِسَابُ ର ବ୍ୟାଖ୍ୟା କରି କୁହନ୍ତି: ଅଲ୍ଲାଃତାଲାଙ୍କ କୃପାରୁ ଅବତାରମାନେ ଯଦି ନିଷ୍ପାପ, ନିର୍ଦ୍ଦୋଷ ଏବଂ ନିରାପରାଧ ହୋଇଥାଆନ୍ତି ତେବେ ଅବତାରମାନେ اِغْفِرْلِیْ କହିବାର ତାତ୍ପର୍ଯ୍ୟ କ'ଣ (କାହିଁକି କୁହନ୍ତି) ? ବାସ୍ତବରେ ଅପରିଚିତ ବ୍ୟକ୍ତିର ଦୃଷ୍ଟି ସୀମିତି ହୋଇଥାଏ । ତା'ର ଦୃଷ୍ଟି ମନୁଷ୍ୟ ପର୍ଯ୍ୟନ୍ତ ହିଁ ସୀମିତ ହୋଇ ଯାଇଥାଏ ଏବଂ ମନୁଷ୍ୟକୁ ଦେଖି ତାହା ତୃପ୍ତ ଲାଭ ପାଇଥାଏ। କିନ୍ତୁ ଜଣେ ବିଜ୍ଞ ବ୍ୟକ୍ତିର ଦୃଷ୍ଟି ଉପରକୁ ଉଠି ଉର୍ଦ୍ଧ୍ୱଗାମୀ ହୋଇଥାଏ। ସେ ମନେ କରିନିଏ ଯେ, ସୂର୍ଯ୍ୟ ସମ୍ମୁଖରେ ଯେପରି (ରେଣୁ) କଣିକାର କୌଣସି ଅସ୍ତିତ୍ୱ ନାହିଁ ଠିକ୍ ସେହିପରି ଅଲ୍ଲାଃତାଲାଙ୍କ ବିପକ୍ଷରେ ଭକ୍ତର କ'ଣ ଅସ୍ତିତ୍ୱ ରିହଛି? କାରଣ ମନୁଷ୍ୟ ସେହି ସ୍ରଷ୍ଟାଙ୍କର ସୃଷ୍ଟି ଓ ସେହି ସ୍ରଷ୍ଟାଙ୍କ ଦ୍ୱାରା ସୃଷ୍ଟ ଜୀବ ଅଟେ । ମନୁଷ୍ୟକୁ ପ୍ରଦାନ କରାଯାଇଥିବା ଜୀବନ ମଧ୍ୟ ତାହାଙ୍କର ଅବଦାନ ଏବଂ ତାହାଙ୍କ ପକ୍ଷରୁ ହିଁ ମାର୍ଗଦର୍ଶନ ଆସିଥାଏ (ପ୍ରାପ୍ତ ହୋଇଥାଏ) । ସୁତରାଂ କବି ଗାଲିବ୍ ଏହାକୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣନା କରିଛନ୍ତି:

جان دی دی ہوئی اسی کی تھی
حق تو یہ تھا کہ حق ادا نہ ہوا

ଅତଏବ ନବୀ (ଅବତାର) ଜଣେ ବିଜ୍ଞ ବ୍ୟକ୍ତି ହୋଇଥାଏ, ସେ ନିଜର ଅସ୍ତିତ୍ୱକୁ ଅବଲୋକନ କରିଥାଏ ଏବଂ ଜାଣିଥାଏ ଯେ, ମୁଁ ଯାହା କିଛି କରୁଅଛି ତାହା ମୁଁ ନୁହେଁ ବରଂ ଈଶ୍ୱର ହିଁ କରୁଛନ୍ତି। ଅତଃ ସେ ଦୁଆ କରିଥାଏ ଯେ, ହେ ଅଲ୍ଲାଃ ! ମୋର ଅସ୍ତିତ୍ୱକୁ ଅଧିକରୁ ଅଧିକ ଲୁକ୍କାୟିତ କରିଦିଏଅ ଏବଂ ତୁମ୍ଭର ଅସ୍ତିତ୍ୱକୁ ଅଧିକରୁ ଅଧିକ ପ୍ରକାଶ୍ୟ କରିଦିଅ । ସୁତରାଂ ଇଗ୍‌ଫିର୍‌ଲିର ଏହି ସ୍ଥଳେ ଏହି ଅର୍ଥ ହୋଇଥାଏ ଯେ, ହେ ଈଶ୍ୱର ! ମୁଁ ତୁମ୍ଭକୁ ମୋ ପ୍ରେମର ଦ୍ୱାହି ଦେଉଛି ଯେ, ତୁମ୍ଭେ ନିଜର ପରଦା ମୋ ଉପରେ ପକାଇ ଦିଅ। ଅର୍ଥାତ୍ ମୋର ଅସ୍ତିତ୍ୱକୁ ନିଶ୍ଚିହ୍ନ କରିଦେଇ ନିଜର ଅସ୍ତିତ୍ୱ ମୋ ମାଧ୍ୟମରେ ପ୍ରକାଶ କରି । ଉକ୍ତ ପ୍ରସଙ୍ଗ ପ୍ରକାଶ୍ୟ ଯେ, ଭକ୍ତ ମାଧ୍ୟମରେ ଯେଭଳି ପ୍ରଭୁଙ୍କ ସତ୍ତା ପ୍ରକାଶିତ ହେବ ସେଭଳି ସେ (ଭକ୍ତ) ନିଜର ଉଦ୍ଦେଶ୍ୟ ତଥା ଅଭିପ୍ରାୟରେ ମଧ୍ୟ ସାଫଲ୍ୟମଣ୍ଡିତ ହେବ ।

ହଁ ଯେତେବେଳେ ଅନ୍ୟମାନଙ୍କ ପାଇଁ ଏହି ଶବ୍ଦ ଆସିଛି ସେତେବେଳେ ସେମାନଙ୍କ ମର୍ଯ୍ୟାଦା ଅନୁଯାୟୀ ଉପରୋକ୍ତ ଶବ୍ଦର ଅର୍ଥ ହେବ । ଏକ ଉଚ୍ଚ ସ୍ତରର ବିଶ୍ୱାସକାରୀ ଯେତେବେଳେ ଉକ୍ତ ଶବ୍ଦକୁ ପ୍ରୟୋଗ କରେ ସେତେବେଳେ ଏହାର ଅର୍ଥ ହେବ ଯେ, ସେହି ଦୋଷ ଦୁର୍ବଳତା ଯାହାକି ପୂର୍ଣ୍ଣତ୍ୱ ପ୍ରାପ୍ତିରୁ ବଞ୍ଚିତ କରିଦେଇଥାଏ ତହିଁରୁ ମୋତେ ରକ୍ଷା କର ହେ ପ୍ରଭୁ ! ମଧ୍ୟବର୍ତ୍ତୀ ସ୍ତରୀୟ ବିଶ୍ୱାସକାରୀମାନଙ୍କ ସକାଶେ ଯେତେବେଳେ ଉକ୍ତ ଶବ୍ଦଟି ବ୍ୟବହୃତ ହେବ ସେତେବେଳେ ଏହାର ଅର୍ଥ ହେବ ଯେ, ହେ ଈଶ୍ୱର ! ତୁମ୍ଭେ ମୋର ଦୋଷ ଦୁର୍ବଳତାକୁ ଲୁଚାଇ/ଘୋଡ଼ାଇ ମୋତେ ସର୍ବୋଚ୍ଚ ଉନ୍ନତି ପ୍ରାପ୍ତ କରିବା ନିମନ୍ତେ ସମାର୍ଥ୍ୟା ପ୍ରଦାନ କର । ସେହିପରି ଜଣେ ସାଧାରଣ ବିଶ୍ୱାସକାରୀ ନିମନ୍ତେ ଉକ୍ତ ଶବ୍ଦଟି ବ୍ୟବହୃତ ହେଲେ ଏହାର ଅର୍ଥ ଏପରି ହେବ ଯେ, ହେ ପ୍ରଭୁ ! ତୁମ୍ଭେ ମୋ ପାଦକୁ ବିଶ୍ୱାସ ଦ୍ୱାରା ଅବିଚଳତା ପ୍ରଦାନ କର। ମୋ ପାପକୁ କ୍ଷମା କର । ମୋ ପାପ ଯେପରି ମୋତେ ନେଇ ବୁଡ଼ିଯାଉ । ଅର୍ଥାତ୍ ମୋର ସର୍ବନାଶ କରି ନଦେଉ । ମୋର ପାପ ମୋତେ ମାର୍ଗଦର୍ଶନ ପ୍ରାପ୍ତରୁ ବଞ୍ଚିତ କରି ନଦେଉ । ଅତଃ ମୋ ଦୋଷ ଦୁର୍ବଳତା ଏବଂ ମୋର ପାପକୁ କ୍ଷମା କରିଦିଅ । ଉକ୍ତ ଶବ୍ଦ ଅର୍ଥାତ୍ ଇଗ୍‌ଫିର୍‌ଲି ଶବ୍ଦଟି ଭିନ୍ନ ଭିନ୍ନ ଅର୍ଥ ଏବଂ ଭିନ୍ନ ଭିନ୍ନ ସ୍ଥାନାନୁଯାୟୀ ବ୍ୟବହୃତ ହୋଇଛି । ଅର୍ଥାତ୍ ଯେଭଳି جَبَّار ଶବ୍ଦଟି ଯେତେବେଳେ ଅଲ୍ଲାଃତାଲାଙ୍କ ପାଇଁ ବ୍ୟବହୃତ ହୋଇଥାଏ ସେତେବେଳେ ଏହାର ଅର୍ଥ ମୁସ୍‌ଲେହ୍ (ସୁଧାରକ ବା ସଂଶୋଧନକାରୀ) ହୋଇଥାଏ ଏବଂ ଯେତେବେଳେ ଉକ୍ତ ଶବ୍ଦଟି ଭକ୍ତ ନିମନ୍ତେ ବ୍ୟବହୃତ ହୁଏ ସେତେବେଳେ ଏହାର ଅର୍ଥ ବିଦ୍ରୋହୀ ବା ଅହଂକାରୀ ଓ ଆଇନ ଅମାନନ୍ୟକାରୀ ହୋଇଥାଏ । ସୁତରାଂ ଏହା ମନେରଖିବା ଉଚିତ୍ ଯେ, ଅଲ୍ଲାଃତାଲା ନିଜର ଭକ୍ତମାନଙ୍କ ସଂପର୍କରେ କୁହନ୍ତି, اللّٰهُ یَجْتَبِیْ مِنْ رُّسُلِهٖ ଅର୍ଥାତ୍ ଅଲ୍ଲାଃତାଲା ଯେତେବେଳେ ନିଜର ପ୍ରିୟ ଭକ୍ତମାନଙ୍କୁ ମନୋନୀତ କରି ନିଅନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ ପାପ କିପରି ଆସିପାରିବ ଅର୍ଥାତ୍ ସୃଷ୍ଟି ହୋଇପାରିବ। ଯେତେବେଳେ ସେମାନେ ସଂସାରରୁ ପୃଥକ୍ ହୋଇ ଈଶ୍ୱରଙ୍କ ସମୀପ୍ୟତା ଅର୍ଜନ କରି ନିଅନ୍ତି ସେତେବେଳେ ସେମାନଙ୍କ ପାଖକୁ ସୈତାନ କେଉଁଠୁ ଆସିବ । ଅର୍ଥାତ୍ ସୈତାନ୍ ମାଡ଼ି ପାରିବ ନାହିଁ । ସୈତାନ ତ' ଈଶ୍ୱରଙ୍କ ନାଁ ଶୁଣିଲେ ପଳାୟନ କରିଥାଏ । ଠିକ୍ ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି: اِنَّ عِبَادِیْ لَیْسَ لَکَ عَلَیْهِمْ سُلْطَانٌ ଅର୍ଥାତ୍ ଆମ୍ଭର ଭକ୍ତମାନଙ୍କ ଉପରେ କେବେ ହେଁ ତୋ'ର (ସୈତାନ) କର୍ତ୍ତୃତ୍ୱ ରହିବ ନାହିଁ ।

ସୁତରାଂ ଯେତେବେଳେ ଅଲ୍ଲାଃତାଲାଙ୍କର ଏହି ନିୟମ ବିଧାନ ରହିଛି ଯେ, ଯେଉଁ ବ୍ୟକ୍ତି ଭାକ୍ତିକତାର ନିମ୍ନ ସ୍ତରରେ ଥାଏ ତେବେ ସେପରିପ୍ରେକ୍ଷୀରେ ଅଲ୍ଲାଃତାଲା ସେହି ଭକ୍ତକୁ ମଧ୍ୟ ସୈତାନ୍‌ର କର୍ତ୍ତୃତ୍ୱରୁ ସୁରକ୍ଷିତ ରଖି ଥାଆନ୍ତି । ଅତଏବ୍ ଅବତାରମାନେ ଯେଉଁମାନେ ଅଲ୍ଲାଃତାଲାଙ୍କ ବିଶେଷ ସୁରକ୍ଷା ବଳୟ ମଧ୍ୟରେ ଥାଆନ୍ତି ସେମାନଙ୍କ ପାଖ ଦେଇ ସୈତାନ କିପରି ଅତିକ୍ରମ କରିପାରିବ ? ଅର୍ଥାତ୍ ସେମାନଙ୍କ ନିକଟକୁ ସୈତାନ୍ କିପରି ମାଡ଼ିବ । **(ତଫ୍‌ସିର୍ କବିର୍, ଭାଗ-3, ପୃ-489, ପ୍ରକାଶନ ସ୍ଥାନ-2010, କାଦିଆନ୍)**

☆--☆--☆

## ବିଗତ ସଂଖ୍ୟା-19-20ରେ ପ୍ରକାଶିତ ଖୁତ୍‌ବା ଜୁମା, ତା-24-04-24, ପୃ-12ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ

ବୁଖାରୀରେ ଆଁହଜରତ ସ.ଅଙ୍କ ନମାଜ ତହେଜ୍ଜୁଦ୍‌ରେ ଦୁଆ କରିବାର ଯେଉଁ ଚର୍ଚ୍ଚା ରହିଛି ତାହା ଅନନ୍ୟ ଅଟେ । ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ରାତ୍ର ସମୟରେ ଯେତେବେଳେ ନମାଜ୍ ତେହଜ୍ଜୁଦ୍ ପାଠ କରିବା ନିମନ୍ତେ ନିଦରୁ ଉଠୁଥିଲେ ସେତେବେଳେ ଆପଣ ସ.ଅ ଏହି ଦୁଆ କହୁଥିଲେ, اَللّٰهُمَّ لَكَ الْحَمْدُ أَنْتَ قَيِّمُ السَّمٰوٰتِ وَالْأَرْضِ وَمَنْ فِيهِنَّ وَلَكَ الْحَمْدُ لَكَ مُلْكُ السَّمٰوَاتِ وَالْأَرْضِ وَمَنْ فِيهِنَّ وَلَكَ الْحَمْدُ أَنْتَ نُورُ السَّمٰوٰتِ وَالْأَرْضِ وَمَنْ فِيهِنَّ، وَلَكَ الْحَمْدُ أَنْتَ الْحَقُّ، وَوَعْدُكَ حَقٌّ، وَلِقَاؤُكَ حَقٌّ، وَقَوْلُكَ حَقٌّ، وَالْجَنَّةُ حَقٌّ، وَالنَّارُ حَقٌّ، وَالنَّبِيُّونَ حَقٌّ، وَمُحَمَّدٌ (صلى الله عليه وسلم) حَقٌّ، وَالسَّاعَةُ حَقٌّ، اللّٰهُمَّ إِلَيْكَ أَنَبْتُ، وَبِكَ خَاصَمْتُ، وَإِلَيْكَ حَاكَمْتُ، فَاغْفِرْ لِي مَا قَدَّمْتُ وَمَا أَخَّرْتُ، وَمَا أَسْرَرْتُ وَمَا أَعْلَنْتُ، أَنْتَ الْمُقَدِّمُ وَأَنْتَ الْمُؤَخِّرُ، لَا إِلٰهَ إِلَّا أَنْتَ، أَوْ لَا إِلٰهَ غَيْرُكَ ଅର୍ଥାତ୍ ହେ ଅଲ୍ଲାଃ ! ସକଳ ପ୍ରଶଂସାର ଅଧିକାରୀ କେବଳ ତୁମ୍ଭେ ହିଁ ଅଟ । ତୁମ୍ଭେ ହିଁ ଆକାଶ ଓ ପାତାଳକୁ ସ୍ଥାୟୀରୂପେ ଧରି ରଖିଛ ଏବଂ ସେଗୁଡ଼ିକୁ ମଧ୍ୟ ଯାହାକି ଆକାଶ ଏବଂ ପାତାଳ ମଧ୍ୟରେ ରହିଛନ୍ତି । ସକଳ ପ୍ରଶଂସାର ପାତ୍ର କେବଳ ତୁମ୍ଭେ ହିଁ ଅଟ। ଆକାଶ ଲୋକ ଏବଂ ମର୍ତ୍ତ୍ୟାଲୋକର ସମ୍ରାଟତ୍ୱ ତୁମ୍ଭରି ଅକ୍ତିଆରରେ ରହିଛି ଏବଂ ଆକାଶ ଲୋକ ମଧ୍ୟରେ ଏବଂ ମର୍ତ୍ତ୍ୟାଲୋକର ଯେଉଁ ବସ୍ତୁ ବିଦ୍ୟମାନ ରହିଛି ତାହାର ମଧ୍ୟ ଆପଣ ସମ୍ରାଟ ଅଟନ୍ତି । ସକଳ ପ୍ରଶଂସା ତୁମ୍ଭ ନିମନ୍ତେ ହିଁ ଉଦ୍ଦିଷ୍ଟ । ତୁମ୍ଭେ ହିଁ ଆକାଶ ଓ ପାତାଳର ଆଲୋକ ଅଟ ଏବଂ ସେହି ଆକାଶ ଏବଂ ପାତଳ ମଧ୍ୟରେ ଯେଉଁ ସବୁ ରହିଛି ତାହାର ଆଲୋକ ମଧ୍ୟ ତୁମ୍ଭେ ହିଁ ଅଟ । ତୁମ୍ଭେ ସତ୍ୟ ଅଟେ, ତୁମ୍ଭର ଅଙ୍ଗୀକାର ସତ୍ୟ ଅଟେ । ତୁମ୍ଭେ ସାଶ୍ୱତ ଅଟେ । ତୁମ୍ଭର ଆଦେଶ ସାଶ୍ୱତ ଅଟେ । ସ୍ୱର୍ଗ ସତ୍ୟ ଓ ସାଶ୍ୱତ ଅଟେ । ଅଗ୍ନି ସତ୍ୟ ଅଟେ ଏବଂ ଅବତାରମାନେ ମଧ୍ୟ ସତ୍ୟ ଅଟନ୍ତି ଓ ମୁହମ୍ମଦ ସ.ଅ ସତ୍ୟ ଅଟନ୍ତି । ସେହି ପ୍ରତିଶୃତ ସମୟ ମଧ୍ୟ ସତ୍ୟ ଅଟେ । ହେ ଅଲ୍ଲାଃ ! ମୁଁ ତୁମ୍ଭ ସମ୍ମୁଖରେ ଆନତ ହୋଇଛି ଏବଂ ତୁମ୍ଭ ସକାଶେ ମୁଁ କଳହ କଲି ଏବଂ ତୁମ୍ଭ ଠାରୁ ହିଁ ମୁଁ ନ୍ୟାୟ ଭିକ୍ଷା କଲି ବା ଚାହୁଁଛି। ସୁତରାଂ ତୁମ୍ଭେ ମୋତେ କ୍ଷମା ପ୍ରଦାନ କରିଦିଅ। ମୁଁ ପୂର୍ବେ ଯେଉଁ କର୍ମ କଲି ଓ ପରବର୍ତ୍ତୀ ସମୟରେ ପାଇଁ ରଖି ଦେଇଛି। ମୁଁ ଯାହାକୁ ଲୁଚାଇଲି ଓ ଯାହାକୁ ମୁଁ ପ୍ରକାଶିତ କଲି । ତୁମ୍ଭେ ଆରମ୍ଭ ଓ ତୁମ୍ଭେ ହିଁ ଶେଷ (ଅନ୍ତ) । ତୁମ୍ଭେ ହିଁ ଉପାସନା ନିମନ୍ତେ ଯୋଗ୍ୟ ଅଟ । ତୁମ୍ଭ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନାହାନ୍ତି । **(ସହିଉଲ୍ ବୁଖାରୀ, କିତାବୁତ୍ ତହଜ୍ଜୁଦ୍, ବାବ୍- ଅତ୍ ତହଜ୍ଜୁଦୀ ବିଲ୍ ଲୈଲି, ହଦିସ୍ ନଂ-1120)**

ପୁନଶ୍ଚ ହ.ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଜନୈକ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆଜି ରାତିରେ ମୁଁ ଆପଣ ସ.ଅଙ୍କ ସେହି ଦୁଆ ଶୁଣିଛି ଯହିଁରେ ଆପଣ ସ.ଅ ଏହା କହୁଥିଲେ, اَللّٰهُمَّ اغْفِرْ لِیْ ذَنْبِیْ وَوَسِّعْ لِیْ فِیْ دَارِیْ وَبَارِكْ لِیْ فِیْمَا رَزَقْتَنِیْ ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ମୋର ପାପକୁ କ୍ଷମା କରିଦିଅ ଏବଂ ମୋ ନିମନ୍ତେ ମୋର ଘରକୁ ବ୍ୟାପକ ଏବଂ ପ୍ରଶସ୍ତ କରିଦିଅ ଓ ତୁମ୍ଭେ ମୋତେ ଯେଉଁ ଜୀବିକ ପ୍ରଦାନ କରିଅଛ ମୋ ନିମନ୍ତେ ତହିଁରେ କଲ୍ୟାଣ ନିହିତ ରଖିଦିଅ । ଆପଣ ସ.ଅ କହିଲେ, କ'ଣ ତୁମେ ଏହା ଅବଲୋକନ କରୁଛ କି ଉପରୋକ୍ତ ବାଣୀରେ କିଛି ବାକି ରହିଯାଇଛି ? **(ସୁନନୁତ୍ ତିର୍ମିଜି, ଅବୱାବୁଦ୍ ଦାୱାତ୍, ହଦିସ୍ ନଂ-3500)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଏ ହେଉଛି ଆଁହଜରତ ସ.ଅଙ୍କ ଦୁଆ ଏହି ଆରବିକ ଦୁଆ ଗୁଡ଼ିକ ମନେ ରଖିବା ଉଚିତ୍ । ଯଦି ନୁହେଁ ତେବେ ଅନ୍ତତଃ ଏହାର ଅନୁବାଦ ମନେ ରଖନ୍ତୁ ଅବା ଏହାର ଅର୍ଥକୁ ବୁଝି ବିଚାରି ଆମମାନଙ୍କୁ ମଧ୍ୟ ଏହିପରି ଦୁଆ କରିବା ଉଚିତ୍ ।

ହୁଜୁର୍ ଅନୱର୍ ଅ.ବ କହିଲେ, ପୁନଶ୍ଚ ବୁଖାରୀରେ ଏହିପରି ଏକ ଦୁଆର ଉଲ୍ଲେଖ ମିଳେ ଯେ, اَللّٰهُمَّ اجْعَلْ فِیْ قَلْبِیْ نُوْرًا، وَفِیْ بَصَرِیْ نُوْرًا، وَفِیْ سَمْعِیْ نُوْرًا، وَعَنْ یَمِیْنِیْ نُوْرًا، وَعَنْ یَسَارِیْ نُوْرًا، وَفَوْقِیْ نُوْرًا، وَتَحْتِیْ نُوْرًا، وَأَمَامِیْ نُوْرًا، وَخَلْفِیْ نُوْرًا، وَاجْعَلْ لِیْ نُوْرًا **(ସହିହୁଲ୍ ବୁଖାରୀ, କିତାବୁଦ୍ ଦାୱାତ୍, ବାବ୍-ଅଦଦୁଆ, ଇଜା ଇନ୍‌ତହୁଲ୍ ମିନଲ୍ ଲୈଲି, ହଦିସ୍ ନଂ-6316)**

ସେହିପରି ହଦିସ୍‌ରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ନିଜ ଦୁଆରେ ଏହି ଦୁଆ କରୁଥିଲେ ଯେ, ହେ ଅଲ୍ଲାଃ ! ମୋର ହୃଦୟରେ ତୁମେ ଆଲୋକ ଭରିଦିଅ। ମୋ ଚକ୍ଷୁରେ ଏବଂ ହୃଦୟର ଦଷ୍ଟିରେ ତୁମ୍ଭେ ଆଲୋକ ରଖିଦିଅ । ମୋ ଶୁଣିବାରେ ମଧ୍ୟ ତୁମ୍ଭେ ଆଲୋକ ଭରିଦିଅ। ମୋ ଦକ୍ଷିଣ ପାର୍ଶ୍ୱରେ ଓ ବାମ ପାର୍ଶ୍ୱରେ ମଧ୍ୟ ତୁମ୍ଭେ ଆଲୋକ ରଖିଦିଅ । ମୋ ଉପରେ ମଧ୍ୟ ଆଲୋକ ହେଉ ଓ ମୋ ନିମ୍ନରେ (ଅବଶିଷ୍ଟାଂଶ........ପୃ-11ରେ)

# (ଖୁତ୍‌ବା ଜୁମା)

ପାପ କରି ଯଦି ଜଣେ ବ୍ୟକ୍ତି ଈଶ୍ୱରଙ୍କ ନିକଟରେ କ୍ଷମାଯାଚନା କରେ ତେବେ ଏପରି ବ୍ୟକ୍ତି ପୂର୍ବରୁ କେବେ ପାପ କରି ନାହିଁ । (ଅଲ୍‌ହଦିସ୍)
ହ. ମସିହ୍ ମଉଦ୍ ଅ.ସ ଜମାଅତର ସଦସ୍ୟବୃନ୍ଦଙ୍କୁ ବାରମ୍ବାର ଇସ୍ତିଗଫାର ଓ କ୍ଷମାଯଚନା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ।
ଆମେମାନେ ଯଦି ନିଜ ମଧ୍ୟରେ ପବିତ୍ର ପରବିବର୍ତ୍ତନ ସୃଷ୍ଟି ନକରୁ ଓ ପ୍ରକୃତ କ୍ଷମାଯାଚନା ଓ ଇସ୍ତିଗଫାର କରିବା ପ୍ରତି ଧ୍ୟାନ ନଦେଉ ତାହାହେଲେ ଆମମାନଙ୍କର ନିଜ ପ୍ରତି ସଂଶୋଧନର ଶପଥ ନେବା ଆମମାନଙ୍କୁ କୌଣସି ଲାଭ ପ୍ରଦାନ କରିବ ନାହିଁ ।
"ଆଧ୍ୟାତ୍ମିକ ଇସ୍ତିଗଫାର ମୁଦ୍‌ଗର (ଏ ପ୍ରକାରର ଅସ୍ତ୍ର ବିଶେଷ/ଏକ ଓଜନିଆ କାଠ ଯାହାକି ବ୍ୟାୟାମ ନିମନ୍ତେ ବ୍ୟବହୃତ ହୋଇଥାଏ) ଇସ୍ତିଗଫାର ଅଟେ । ଏହା ଦ୍ୱାରା ଆତ୍ମାକୁ ବଳ ପ୍ରାପ୍ତ ହୋଇଥାଏ ଏବଂ ମନରେ ଅବିଚଳତା ସୃଷ୍ଟି ହୋଇଥାଏ ଯେଉଁ ବ୍ୟକ୍ତିକୁ ବଳ ପ୍ରାପ୍ତ କରିବାର ପ୍ରୟୋଜନୀୟ ସେ ଇସ୍ତିଗଫାର କରୁ । (ହ. ମସିହ୍ ମଉଦ୍ ଅ.ସ)"
ଇସ୍‌ଲାମ୍ ଧର୍ମରେ କ୍ଷମାଯାଚନା କରିବା ନିମନ୍ତେ କୌଣସି ଧର୍ମର ସର୍ତ୍ତ ନାହିଁ । ପ୍ରତ୍ୟେକ ଧର୍ମର ନିୟମକୁ ପାଳନ କରିବା ସହିତ କ୍ଷମାଯାଚନା ସ୍ୱୀକୃତ ହୋଇପାରିବ ଏବଂ ଯେଉଁ ବ୍ୟକ୍ତି ଈଶ୍ୱର ତଥା ତାହାଙ୍କ ବାର୍ତ୍ତାବହଙ୍କୁ ପ୍ରତ୍ୟାଖ୍ୟାନ କରେ ତେବେ ସହି ବ୍ୟକ୍ତର କେବଳ ପାପ ଅବଶିଷ୍ଟ ରହି ଯାଇଥାଏ ।
ଅବତାରମାନଙ୍କ ଇସ୍ତିଗଫାରର ମଧ୍ୟ ଏହି ବାସ୍ତବତା ରହିଛି ଯେ, ସେମାନେ ନିଷ୍ପାପ, ନିର୍ଦ୍ଦୋଷ ଓ ନିରାପରାଧ ଅଟନ୍ତି । କିନ୍ତୁ ସେମାନେ ଇସ୍ତିଗଫାର ଏଇଥିପାଇଁ କରନ୍ତି ଯେ, ଭବିଷ୍ୟତରେ ସେହି ଶକ୍ତି (ଅର୍ଥାତ୍ ପାପ କରିବା) ଯେପରି ପ୍ରାଦୁର୍ଭୂତ ନହେଉ ।
ଆଜିକାଲି ସଂସାରରେ ଯୁଦ୍ଧ ପରିସ୍ଥିତି ଲାଗି ରହିଛି, ଏହିଭଳି ପରିସ୍ଥିତିରେ ସଂସାରକୁ ସୁରକ୍ଷିତ ରଖିବା ନିମନ୍ତେ, ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ଆମମାନଙ୍କୁ ମଧ୍ୟ ବହୁତ ଇସ୍ତିଗଫାର କରିବାର ଆବଶ୍ୟକତା ରହିଛି ।
ହୃଦୟର ସହିତ କରାଯାଇଥିବା ଦୁଆ ହିଁ ପ୍ରକୃତ ଦୁଆ ହୋଇଥାଏ । ବିପତ୍ତିର ଆଗମନ ପୂର୍ବରୁ ବ୍ୟକ୍ତି ନିଜ ମନରେ ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥାଏ । ଇସ୍ତିଗଫାର କରିଥାଏ ଯଦ୍ଦ୍ୱାରାକି ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁଙ୍କ ମାଧ୍ୟମରେ ସେହି ବିପତ୍ତି ଅପସାରିତ ହୋଇଯାଇଥାଏ । କିନ୍ତୁ ଯେତେବେଳେ ବିପତ୍ତି ଅବତୀର୍ଣ୍ଣ ହୋଇଥାଏ ସେତେବେଳେ ତାହା ଆଉ ଅପସାରଣ ହୋଇ ନଥାଏ ।
"ବିପତ୍ତି ପ୍ରଳୟ ଓ ପରୀକ୍ଷା ମନୁଷ୍ୟ ସହିତ ପିମ୍ପୁଡ଼ି ପରି ଲାଗି ରହିଛନ୍ତି । ପ୍ରକୃତ ହୃଦୟର ସହିତ କ୍ଷମାଯାଚନା ବ୍ୟତୀତ ତହିଁ (ବିପତ୍ତି)ରୁ ବର୍ତ୍ତିବାର ଏବଂ ନିସ୍ତାର ପାଇବାର କୌଣସି ଉପାୟ ନାହିଁ । ତେଣୁ ତୁମେମାନେ ଇସ୍ତିଗଫାରରେ ନିମଜ୍ଜିତ ହୋଇଯାଅ ।"
ଇସ୍ତିଗଫାର ହେଉଛି ଏକ ଆରବିକ ଶବ୍ଦ । ଏହାର ଅର୍ଥ କ୍ଷମାଯାଚନା କରିବା ଓ ମନଯୋଗୀ ହେବା । ଅର୍ଥାତ୍ ପ୍ରଭୁଙ୍କ ନିକଟରେ ଗୁହାରି କେରିବା ଯେ, ହେ ପ୍ରଭୁ ! ମୋ ଦ୍ୱାରା ଯେଉଁ ପାପ ସମ୍ପାଦିତ ହୋଇଯାଇଛି ତାହାର କୁପରିଣାମରୁ ମୋତେ ଉଦ୍ଧାର କର । କାରଣ ପାପ ଏକ ବିଷ ଅଟେ । ତେଣୁ ବିଷର ପ୍ରଭାବ ଅନିର୍ବାର୍ଯ୍ୟ ରୂପେ ଶରୀରରେ ପଡ଼ିଥାଏ । ହେ ପ୍ରଭୁ ! ମୋତେ ଭବିଷ୍ୟତରେ ମଧ୍ୟ ସୁରକ୍ଷିତ ରଖ । କାରଣ ମୋ ଦ୍ୱାରା ଯେପରି କୌଣସି ପାପ କାର୍ଯ୍ୟ ସମ୍ପାଦିତ ନହେଉ.......ତୌବାର ଅର୍ଥ ହେଲା ଅନୁତାପ କରିବା ଏବଂ ଲଜ୍ଜାଜନକ କାର୍ଯ୍ୟ କରିବାରୁ ଫେରି ଆସିବା (ନିବୃତ୍ତ ରହିବା) ।
"ଯେଉଁ ବ୍ୟକ୍ତି ମନୁଷ୍ୟ ହୋଇ ଇସ୍ତିଗଫାର (କ୍ଷମା ଯାଚନା) କରିବାକୁ ଆବଶ୍ୟକ ବୋଲି ମନେକରେ ନାହିଁ ତେବେ ସେହି ବ୍ୟକ୍ତି ଅସଭ୍ୟ, ଅଶିଷ୍ଟ ଏବଂ ନାସ୍ତିକବାଦୀ ବ୍ୟକ୍ତି ଅଟେ ।" (ହ. ମସିହ୍ ମଉଦ୍ ଅ.ସ)
"ଭକ୍ତିକତାର ରହସ୍ୟ ଏହିପରି ଯେପରିକି ମନୁଷ୍ୟ ଈଶ୍ୱରଙ୍କ ଆଶ୍ରୟରେ ନିଜକୁ ନେଇଆସୁ, ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଆଶ୍ରୟ ଲୋଡ଼ିବାକୁ ଇଚ୍ଛା ପ୍ରକାଶ କରେ ନାହିଁ ସେହି ବ୍ୟକ୍ତି ଅହଂକାରୀ ବ୍ୟକ୍ତି ଅଟେ ।" (ହ. ମସିହ୍ ମଉଦ୍ ଅ.ସ)
ଭକ୍ତିକତାର ପ୍ରକୃତ ସ୍ତର ପ୍ରାପ୍ତ କରିବା ନିମନ୍ତେ ଇସ୍ତିଗଫାର ଏକାନ୍ତ ଆବଶ୍ୟକ ଅଟେ ।
ମନୁଷ୍ୟ ଯେତେବେଳେ ପାପ କର୍ମରୁ ନିବୃତ୍ତ ହୋଇ ସତ୍‌ହୃଦୟ ହୋଇ ଈଶ୍ୱରଙ୍କ ଆଡ଼କୁ ଲେଉଟିଥାଏ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତି ଅପେକ୍ଷା ଅଧିକ ତା' ଆଡ଼କୁ ଲେଉଟି ଥାଆନ୍ତି (ଆକର୍ଷିତ ହୋଇଥାଆନ୍ତି) ।
ଇସ୍ତିଗଫାର ଓ ତୌବା ସେତେବେଳେ ଲାଭଦାୟକ ସାବ୍ୟସ୍ତ ହୋଇଥାଏ ଯେତେବେଳେ ମୌଳିକ ଆଦେଶାବଳୀକୁ ମଧ୍ୟ ସମ୍ମୁଖରେ ରଖି ସେଗୁଡ଼ିକ ଉପରେ ସଠିକ୍ ରୂପେ ଅନୁକଣ କରାଯାଏ । ନମାଜ ପାଠ କରିବାରେ ନିୟମିତିତା ପ୍ରଦର୍ଶିତ ହେଉଥିବ, ଅଲ୍ଲାଃତାଲା ଏବ ଭକ୍ତଙ୍କ ଅଧିକାରର ମଧ୍ୟ ସଠିକ୍ ରୂପେ ସମ୍ପାଦନ କରାଯାଉଥିବ ।

**ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପରିଚୟଭିତ୍ତିକ ଏବଂ ତାତ୍ତ୍ୱିକପୂର୍ଣ୍ଣ ଆଦେଶାବଳୀର ପ୍ରକାଶରେ ଇସ୍ତିଗଫାର ଏବଂ ତୌବାର ବାସ୍ତବତା ଓ ଉପକାରିତା ସଂପର୍କିତ ଚକ୍ଷୁବର୍ଦ୍ଧକ ବର୍ଣ୍ଣନା**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 25 AUGUST 2023 ମସିହା ଅନୁଯାୟୀ ୨୫ଜହୁର୍ /୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**
ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଅଲ୍ଲାଃତାଲା ନିଜ ଭକ୍ତର ଇସ୍ତିଗଫାର ଓ ତୌବା (କ୍ଷମାଯାଚନା) କରିଥାଆନ୍ତି । କିନ୍ତୁ ସର୍ତ୍ତ ଏହା ରହିଛି ଯେ, ତାହା ପ୍ରକୃତ ତୌବା ହୋଇଥିବା ଉଚିତ୍ । କେବଳ ତୁଣ୍ଡରୁ ବାଚିକ ଶବ୍ଦ ଉଚ୍ଚାରିତ ହେଉ ନଥିବ । ପବିତ୍ର କୁରଆନ୍ କରୀମ୍‌ରେ ଉକ୍ତ କଥାର ବିଭିନ୍ନ ସ୍ଥାନରେ ଅଲ୍ଲାଃତାଲା ଚର୍ଚ୍ଚା କରିଛନ୍ତି ଯେ, ଅଲ୍ଲାଃତାଲା ପ୍ରକୃତ ତୌବାକାରୀଙ୍କୁ ଧନ ସମ୍ପତ୍ତି ଓ ସନ୍ତାନ ସନ୍ତତିଙ୍କ ଦ୍ୱାରା ସାହାଯ୍ୟ କରିଥାଆନ୍ତି **(ନୁହ୍:13)**, ଈଶ୍ୱରଙ୍କ ଶାସ୍ତିରୁ ବର୍ତ୍ତିବା ନିମନ୍ତେ ଏକ ମାଧ୍ୟମ ଅଟେ । ଇସ୍ତିଗଫାରକାରୀ ଅଲ୍ଲାଃତାଲାଙ୍କର ଦୟାକୁ ଆକର୍ଷଣକାରୀ ବ୍ୟକ୍ତିରେ ପରିଣତ କରିଥାଏ । ଅଲ୍ଲାଃତାଲା ଏକ ସ୍ଥାନରେ ଇସ୍ତିଗଫାରକାରୀଙ୍କୁ ଶୁଭ ସମାଚାର ପ୍ରଦାନ କରି କୁହନ୍ତି, لَوَجَدُوا اللّٰهَ تَوَّابًا رَّحِيْمًا **(ଅନ୍ ନିସା:65)** ସେମାନେ ନିଶ୍ଚୟ ଅଲ୍ଲାଃଙ୍କୁ ସ୍ନେହଶୀଳୀ ଓ କରୁଣାମୟ ପାଇଥାଆନ୍ତେ। କିନ୍ତୁ ସର୍ତ୍ତ ଏହି ରହିଛି ଯେ, ତାହା ପ୍ରକୃତ ଇସ୍ତିଗଫାର ଏବଂ ପ୍ରକୃତ ତୌବା ହୋଇଥିବା ଉଚିତ୍ । ଏକ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କୁ ଏହା କହୁଥିବାର ଶୁଣିଲି ଯେ, ପାପରୁ ପ୍ରକୃତ କ୍ଷମାଯାଚନାକାରୀ ବ୍ୟକ୍ତି ଏପରି ଅଟେ ଯେପରିକେ ସେହି ବ୍ୟକ୍ତି କେବେ ପାପ ହିଁ କରି ନାହିଁ ।

ଅଲ୍ଲାଃତାଲା ଯେତେବେଳେ କୌଣସି ମନୁଷ୍ୟକୁ ପ୍ରେମ କରନ୍ତି ସେତେବେଳେ ସେହି ବ୍ୟକ୍ତିର ପାପ କୌଣସି କ୍ଷତି ଘଟାଇ ପାରିବ ନାହିଁ । ଅର୍ଥାତ୍ ପାପର କର୍ମ ତା'କୁ କୁକର୍ମ ଆଡ଼କୁ ଆକର୍ଷିତ କରି ପାରିବ ନାହିଁ ଏବଂ ଅଲ୍ଲାଃତାଲା ତା'କୁ କୁକର୍ମର ପରିଣାମରୁ ସୁରକ୍ଷିତ ରଖି ଥାଆନ୍ତି । ଏତଦ୍‌ପରେ ହୁଜୁର୍ ସ.ଅ ଏହି ଆୟତ୍ ଆବୃତ୍ତି କଲେ ଯେ, اِنَّ اللّٰهَ يُحِبُّ التَّوَّابِيْنَ وَيُحِبُّ الْمُتَطَهِّرِيْنَ **(ଅଲ୍ ବକ୍‌ରାହ୍: 223)** ଅର୍ଥାତ୍ ବାସ୍ତବରେ ଅଲ୍ଲାଃତାଲା ବାହ୍ୟ ଓ ଅନ୍ତରକୁ ନିର୍ମଳ ରଖୁଥିବା ଲୋକମାନଙ୍କୁ ମଧ

ପ୍ରେମ କରନ୍ତି । ସୁତରାଂ ଆଁହଜରତ ସ.ଅଙ୍କୁ ଯେତେବେଳେ ପଚରାଗଲା କି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତୌବାର ଲକ୍ଷଣ କ'ଣ ? କିପରି ଜଣା ପଡ଼ିବ ଯେ, ତୌବାର ଲକ୍ଷଣ କ'ଣ ? ଆପଣ ସ.ଅ କହିଲେ, ଅନୁତାପ ଓ ଲଜ୍ଜିତର ଲକ୍ଷଣ ତୌବା ଅଟେ। **(କନ୍‌ଜୁଲ୍ ଉମ୍ମାଲ, ଭାଗ-4, ପୃ-261, ହଦିସ୍ ନଂ-10428, ପ୍ରକାଶନ ସ୍ଥାନ-ମୁଓସ୍ସସତୁର୍ ରିସାଲତା, ବୈରୁତ୍-1985)**

ସୁତରାଂ ପ୍ରକୃତ ତୌବାକାରୀର (କ୍ଷମାଯାଚନାକାରୀ) ପ୍ରକୃତ ଅନୁତାପ ଏବଂ ଲଜ୍ଜା ପ୍ରଦର୍ଶନ କରି ଯେଉଁଠି ପାପରୁ ପବିତ୍ର ହୋଇଥାଏ ସେଠାରେ ସେହି ତୌବାକାରୀକୁ ଅଲ୍ଲାଃତାଲାଙ୍କ ପ୍ରେମ ମଧ୍ୟ ପ୍ରାପ୍ତ ହୋଇଥାଏ । ତୌବାକାରୀ ବାରମ୍ବାର ଅଲ୍ଲାଃତାଲାଙ୍କ ଦୟାରୁ ଅଂଶ ପ୍ରାପ୍ତ କରିଥାଏ । ଏକ ସ୍ଥଳେ ହ. ମସିହ୍ ମଉଦ୍ ଅ.ସ ପ୍ରକୃତ ତୌବା କରିବାର ସର୍ତ୍ତର ଚର୍ଚ୍ଚା କରିଛନ୍ତି । **ପ୍ରଥମ** ସର୍ତ୍ତ ଏହିକି ଯେ, ବ୍ୟକ୍ତି କୁଚିନ୍ତାଧାରା ଏବଂ କୁବିଚାରଧାରକୁ ପରିତ୍ୟାଗ କରିଦେଉ । ସୁତରାଂ ଯେଉଁ ଚିନ୍ତାଧାରା ନିରାନନ୍ଦର କାରଣ ବୋଲି ପରିଗଣିତ ହୋଇଥାଆନ୍ତି ତାହାକୁ ପୂର୍ଣ୍ଣ ରୂପେ ପରିତ୍ୟାଗ କରିଦେଉ । ଏହା ସବୁଠୁ ବଡ଼ ଜିହାଦ୍ (ଯୁଦ୍ଧ)ଅଟେ, ଯାହାକୁ ମନୁଷ୍ୟ ପରିତ୍ୟାଗ କରିଦେବା ଉଚିତ୍ । ତେବେ ଯାଇ ତୌବା ଆଡ଼କୁ ପାଦ ଉଠିବ। **ଦ୍ୱିତୀୟ ସର୍ତ୍ତ** ଏହିକିଯେ, ପ୍ରକୃତ ପଶ୍ଚାତାପ ଓ ପ୍ରକୃତ ଲଜ୍ଜା ପ୍ରକାଶ କରୁ । ଏହା ମନେକରୁ ଯେ, ଏହି ଆନନ୍ଦ ଏବଂ ଏହି ସାଂସାରିକ ଆନନ୍ଦ ତଥା ତୃପ୍ତି ସାମୟିକ ବସ୍ତୁ ଅଟନ୍ତି ଏବଂ ମନୁଷ୍ୟର ବୟସ ସହିତ ପ୍ରତ୍ୟେକ ଦିନ ତହିଁରେ ହ୍ରାସ ତଥା ଅଭାବ ପରିଲକ୍ଷିତ ହୋଇଯାଇଥାଏ । ତେବେ ତା' ସହିତ ମନୁଷ୍ୟ କାହିଁକି ବା ସଂଲଗ୍ନିତ ହୋଇ ରହିବ ? ସୁତରାଂ ସୌଭାଗ୍ୟଶାଳୀ ହେଉଛି ସେହି ବ୍ୟକ୍ତି ଯିଏ ବାସ୍ତବତାକୁ ବୁଝି ତୌବା କରିବ ଏବଂ ପ୍ରକୃତ ଲଜ୍ଜା ଭାବ ବ୍ୟକ୍ତ କରିବ । ଏହା ହିଁ ପ୍ରକୃତ ଲଜ୍ଜା ଅଟେ ଯାହା ସଂକ୍ରାନ୍ତରେ ଆଁହଜରତ ସ.ଅ ଆଦେଶ ଦେଇଛନ୍ତି । **ତୃତୀୟ ସର୍ତ୍ତ** ଏହିକିଯେ, ବ୍ୟକ୍ତି ଦୃଢ ସଂକଳ୍ପ କରୁ କି ସେ ସେହି ମନ୍ଦ କାର୍ଯ୍ୟ ନିକଟକୁ ମଧ୍ୟ ଯିବ ନାହିଁ । ଏଠାରେ ହିଁ ଅଟକିଯିବ ନାହିଁ ଯେ, ପାପ ନିକଟକୁ ନଯିବାର ଅଙ୍ଗୀକାର କରିନେଲା ଓ ଯଥେଷ୍ଟ ହୋଇଗଲା । ନା ବରଂ ଉତ୍ତମ ଚରିତ୍ର ଏବଂ ପବିତ୍ର କାର୍ଯ୍ୟ ତା'ର ସ୍ଥାନ ଗ୍ରହଣ କରିନେବ । **(ମଲ୍‌ଫୁଜାତ୍, ଭାଗ-1, ପୃ-138-139, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ପ୍ରକୃତ ତୌବା ଓ ଏ ହେଉଛି ପ୍ରକୃତ ଲଜ୍ଜା । ଏହି ହେଉଛି ସେହି ଅବସ୍ଥା ଯେତେବେଳେ ଏହା ପ୍ରାପ୍ତ ହୋଇଯାଏ ସେତେବେଳେ ଈଶ୍ୱର ଏହିପରି ଭାବରେ ଭକ୍ତମାନଙ୍କୁ ଭଲ ପାଇଥାଆନ୍ତି । ହ. ମିସିହ୍ ମଉଦ୍ ଅ.ସ ଆମମାନଙ୍କୁ ଇସ୍ତିଗଫାର ଓ ତୌବା ଆଡ଼କୁ ବାରମ୍ବାର ଧ୍ୟାନ ଆକର୍ଷଣ କରିଛନ୍ତି । ମନୁଷ୍ୟ ଦୋଷ ତ୍ରୁଟି କରିଥାଏ ଏବଂ ଯେତେବେଳେ ଏହି ଦୋଷ ତ୍ରୁଟିର ବାରମ୍ବାର ପୁନରାବୃତ୍ତି ଘଟେ ସେତେବେଳେ ଗୋଟିଏ ପରେ ଗୋଟିଏ ପାପରେ ବ୍ୟକ୍ତି ଲିପ୍ତ ହୋଇଯାଇଥାଏ । ଅତଃ ଅଲ୍ଲାଃତାଲାଙ୍କ ନିକଟରେ ସର୍ବଦା ଇସ୍ତିଗଫାର କରି, ତାହାଙ୍କ ଆଗରେ ନତମସ୍ତକ ହୋଇ ନିଜର ହୃଦୟକୁ ଆମମାନଙ୍କୁ ପବିତ୍ର କରିବା ପ୍ରତି ଉଦ୍ୟମ କରିବା ଉଚିତ୍ ଏବଂ ସର୍ବଦା ଏହା ଚିନ୍ତା କରିବା ଉଚିତ୍ ଯେ, କେବେ ବି ଅଲ୍ଲାଃତାଲା ଓ ଭକ୍ତମାନଙ୍କର ଅଧିକାର ଯେପରି କ୍ଷୁର୍ଣ୍ଣ ନହେଉ ।

ଯେପରିକି ମୁଁ କହିଲି, ହ. ମସିହ୍ ମଉଦ୍ ଅ.ସ ଜମାଅତ୍‌କୁ ଇସ୍ତିଗଫାର, ତୌବା ଆଡ଼କୁ ବରମ୍ବାର ଧ୍ୟାନ ଆକର୍ଷିତ କରିଛନ୍ତି । ଆପଣ ସର୍ବଦା ଏହି ଚିନ୍ତାଗ୍ରସ୍ତ ରହୁଥିଲେ ଯେ, ଏପରି କୌଣସି ଅବସର ଆସି ନାହିଁ ଯେତେବେଳେ ଆପଣ ଅ.ସ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରି ନଥିବେ । ଆପଣ ଅ.ସ ନିଜର ସଭାମାନଙ୍କରେ, ନିଜର ଲେଖନୀରେ ବାରମ୍ବାର ଧ୍ୟାନ ଆକର୍ଷଣ କରିଛନ୍ତି। ସୁତରାଂ ଆମମାନଙ୍କ ନିମନ୍ତେ ଏହା ଆବଶ୍ୟକ ଯେ, ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀ ଓ ତାହାଙ୍କ ଆଦେଶାବଳୀର ପ୍ରକାଶରେ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ବର୍ଣ୍ଣିତ ଆଦେଶାବଳୀକୁ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖି ଏହା ଉପରେ କାର୍ଯ୍ୟାନୁସରଣ କରିବା ପ୍ରତି ଉଦ୍ୟମ କରନ୍ତୁ । କାରଣ ବୈଅତ୍‌ର ଅଧିକାର ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ ।

ଆମେମାନେ ଯଦି ନିଜ ଭିତରେ ପବିତ୍ର ପରିବର୍ତ୍ତନ ସୃଷ୍ଟି ନକରୁ ଓ ପ୍ରକୃତ ତୌବା ଓ ପ୍ରକୃତ ଇସ୍ତିଗଫାର କରିବା ପ୍ରତି ଧ୍ୟାନ ନଦେଉ ତେବେ ଆମର ନିଜର ସଂଶୋଧନ କରିବାର ଅଙ୍ଗୀକାର ନେବା ଆମମାନଙ୍କୁ କୌଣସି ଲାଭ ପ୍ରଦାନ କରିପାରିବ ନାହିଁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଅନେକ ସ୍ଥାନରେ ତୌବା ସଂପର୍କରେ ବର୍ଣ୍ଣନା କରିଛନ୍ତି । ତନ୍ମଧ୍ୟରୁ କେତେକ ବର୍ଣ୍ଣନା ଏଠାରେ ଉପସ୍ଥାପିତ କରି ଦେଉଛି ।

ଇସ୍ତିଗଫାରର କ'ଣଟା ଲାଭ (ଉପକାରିତା) ରହିଛି ? ତତ୍‌ସଂକ୍ରାନ୍ତରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "وَاَنِ اسۡتَغۡفِرُوۡا رَبَّکُمۡ ثُمَّ تُوۡبُوۡۤا اِلَیۡهِ **(ହୁଦ୍:4)** ଅର୍ଥାତ୍ ତୁମେମାନେ ନିଜ ପାଳନକର୍ତ୍ତାଙ୍କ ଠାରେ କ୍ଷମା ଭିକ୍ଷା କର ଓ ତାହାଙ୍କ ପ୍ରତି ମନଯୋଗୀ ହୁଅ । ମନେରଖ ! ଏହି ଇସ୍‌ଲାମ୍ ଧର୍ମକୁ ଦୁଇଟି ବସ୍ତୁ ପ୍ରଦାନ କରାଯାଇଛି । 1-ଶକ୍ତି ପ୍ରାପ୍ତ କରିବା ନିମନ୍ତେ, 2-ପ୍ରାପ୍ତ ଶକ୍ତିକୁ ବ୍ୟବହାରିକ ରୂପେ ପ୍ରଦର୍ଶନ କରିବା ସକାଶେ । ଶକ୍ତି ପ୍ରାପ୍ତ କରିବା ନିମନ୍ତେ ଇସ୍ତିଗଫାର ରହିଛି । ଏହାକୁ ଅନ୍ୟ ଅର୍ଥରେ ଇସ୍ତିମ୍‌ଦାଦ୍ (ସାହାଯ୍ୟ କରିବା) ଓ ଇସ୍ତିଆନତ୍ (ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିବା) ମଧ୍ୟ କୁହାଯାଏ । ସୁଫି (ସାଧୁ ସନ୍ଥ) ମାନେ ଉଲ୍ଲେଖ କରିଛନ୍ତି ଯେ, ମୁଦ୍‌ଗର ଏବଂ ଧ୍ୟାନ, ଚାଉଳ କୁଟା ଯନ୍ତ୍ରକୁ ଟେକିବା ଏବଂ ବୁଲାଇବା ଦ୍ୱାରା ଶାରୀରୀକ ଶକ୍ତି ବୃଦ୍ଧି ପାଇଥାଏ । ଭାରୋତ୍ତୋଳନକାରୀ, ଡମ୍ବଲ୍ ଉତ୍ତୋଳନକାରୀ, ବିଭିନ୍ନ ପ୍ରକାରର ବ୍ୟାୟାମକାରୀ ଅଟନ୍ତି । ସେମାନେ ଯେପରି ବ୍ୟାୟାମ କରନ୍ତି ସେହିପରି ସେମାନଙ୍କର ଶାରୀରୀକ ଶକ୍ତି ବୃଦ୍ଧି ପାଇଥାଏ । ଠିକ୍ ସେହିପରି ଆଧ୍ୟାତ୍ମିକ ମୁଦ୍‌ଗର ଇସ୍ତିଗଫାର ଅଟେ, ତତ୍‌ସହିତ ଆଧ୍ୟାତ୍ମିକତାକୁ ଏକ ଶକ୍ତି ପ୍ରାପ୍ତ ହୋଇଥାଏ ଏବଂ ହୃଦୟରେ ଅବିଚଳତା ସୃଷ୍ଟି ହୋଇଥାଏ । ତେଣୁ ଯେଉଁ ବ୍ୟକ୍ତି ଶକ୍ତି ପ୍ରାପ୍ତ କରିବାର ଅଭିଳାଷୀ ସେ ଇସ୍ତିଗଫାର କରୁ ।"

ଶକ୍ତି ପ୍ରାପ୍ତ କରିବାର ଅଛି ତେବେ ତୁମେ ଇସ୍ତିଗଫାର କରୁ । غَفَرَ ଘୋଡ଼ାଇବାକୁ କୁହନ୍ତି ଏବଂ ଚିପିବାକୁ କୁହନ୍ତି । ଇସ୍ତିଗଫାର ଦ୍ୱାରା ମନୁଷ୍ୟ ସେହି ଭାବାବେଗ ଏବଂ ଚିନ୍ତାଧାରାକୁ ଘୋଡ଼ାଇବା ପାଇଁ ଉଦ୍ୟମ କରିଥାଏ ଯାହା (ଅର୍ଥାତ୍ ଭାବାବେଗ) ଈଶ୍ୱରଙ୍କ ଠାରୁ ରୋକିଥାଏ । ସୁତରାଂ ଇସ୍ତିଗଫାରର ଏହି ଅର୍ଥ ଯେ, ବିଷାକ୍ତ ବର୍ଯ୍ୟବସ୍ତୁ ଆକ୍ରମଣ କରି ମନୁଷ୍ୟକୁ ଧ୍ୱଂସ କରିବାକୁ ଚାହିଁ ଥାଆନ୍ତି। ମନୁଷ୍ୟ ସେମାନଙ୍କ ଅର୍ଥାତ୍ ଆବେଗ ଉପରେ କର୍ତ୍ତୃତ୍ୱ ବିସ୍ତାର କରୁ ଓ ଈଶ୍ୱରଙ୍କ ଆଦେଶାବଳୀ ପାଳନ କରିବାର ମାର୍ଗରେ ଥିବା ବାଧା ବିଘ୍ନରୁ ବର୍ତ୍ତି ସେଗୁଡ଼ିକୁ ବ୍ୟବହାରିକ ରୂପେ କରି ଦେଖାଇଦେଉ । ଏକଥା ସ୍ମରଣ ରଖିବା ଉଚିତ୍ ଯେ, ଅଲ୍ଲାଃତାଲା ମନୁଷ୍ୟମାନଙ୍କ ମଧ୍ୟରେ ଦୁଇ ପ୍ରକାରର ଉପାଦାନ (ପଦାର୍ଥ ବା ତତ୍ତ୍ୱ) ନିହିତ ରଖିଛନ୍ତି । 1-ସମ୍ମି ଅର୍ଥାତ ବିଷାକ୍ତ ଉପାଦାନ । ଯାହାର ମହକିଲ (Client) ସୈତାନ୍ ଅଟେ । 2- ତ୍ରିୟାକ୍ (ବିଷରୋଧକ ବିଷ ନାଶକ ଔଷଧ) ଉପାଦାନ । ମନୁଷ୍ୟ ଯେତେବେଳେ ଗର୍ବ ଓ ଅହଂକାର କରେ ଓ ନିଜକୁ କିଛି ମନେକରିବାକୁ ଲାଗେ ତଥା ବିଷନାଶକ ନିର୍ଝରରୁ ସାହାଯ୍ୟ ନନିଏ ତେବେ ବିଷାକ୍ତ ଉପାଦାନ କର୍ତ୍ତୃତ୍ୱ ଜାହିର କରିଥାଏ ବା ବୃଦ୍ଧି ପାଇଥାଏ । କିନ୍ତୁ ମନୁଷ୍ୟ ଯେତେବେଳେ ନିଜକୁ ତିରସ୍କୃତ ଏବଂ ହୀନ ବୋଲି ମନେକରେ ଏବଂ ନିଜ ମଧ୍ୟରେ ଅଲ୍ଲାଃତାଲାଙ୍କର ସାହାଯ୍ୟକୁ ଆବଶ୍ୟକ ବୋଲି ମନେକରେ ସେତେବେଳେ ଅଲ୍ଲାଃତାଲାଙ୍କ ପକ୍ଷରୁ ଏକ ଝରଣା ସୃଷ୍ଟି ହୋଇଯାଇଥାଏ । ଯଦ୍ଦ୍ୱାରାକି ମନୁଷ୍ୟର ଆତ୍ମା ଦ୍ରବୀଭୂତ ହୋଇ ପ୍ରବାହିତ ହୋଇଯାଇଥାଏ । ଅତଏବ୍ ଏହା ହିଁ ଇସ୍ତିଗଫାର୍‌ର ଅର୍ଥ ଅଟେ । ଅର୍ଥାତ୍ ସେହି ଶକ୍ତିକୁ ପ୍ରାପ୍ତ କରି ବିଷାକ୍ତ ଉପାଦାନ ବା ବିଷାକ୍ତ ପଦାର୍ଥ ପ୍ରଭାବ ବିସ୍ତାର କରିଥାଏ। ଏହା ହିଁ ପ୍ରକୃତ ଇସ୍ତିଗଫାର ଅଟେ । ଇସ୍ତିଗଫାର କହିଲେ ଉପାସନା ମାର୍ଗରେ ଏହିପରି ପ୍ରତିଷ୍ଠିତ ଏବଂ ଅବିଚଳତା ପ୍ରଦର୍ଶନ କରିବାକୁ ବୁଝାଏ । ପ୍ରଥମତଃ- ବାର୍ତ୍ତାବହଙ୍କ ଆଜ୍ଞାବହତା ପ୍ରକାଶ କର । **ଦ୍ୱତୀୟତଃ-** ଈଶ୍ୱରଙ୍କ ଠାରୁ ସର୍ବଦା ସାହାଯ୍ୟ ଭିକ୍ଷା କର । ହଁ ପ୍ରଥମେ ନିଜର ପାଳନକର୍ତ୍ତାଙ୍କ ଠାରୁ ସାହାଯ୍ୟ ଭିକ୍ଷା କର । ଏହାପରେ ଯେତେବେଳେ ଈଶ୍ୱରଙ୍କ ଠାରୁ ଶକ୍ତି ଏବଂ ସାମର୍ଥ୍ୟ ପ୍ରାପ୍ତ ହୋଇଯାଏ ସେତେବେଳେ 3 تُوۡبُوۡۤا اِلَیۡهِ ଅର୍ଥାତ୍ ଈଶ୍ୱରଙ୍କ ପ୍ରତି ମନଯୋଗ ହୁଅ ।" ଅଲ୍ଲାଃତାଲାଙ୍କର ସାହାଯ୍ୟ ପ୍ରାପ୍ତ କରିବା ନିମନ୍ତେ ଏହିପରି ଦୁଆ କରିବାକୁ ପଡ଼ିବ ।

**(ମଲ୍‌ଫୁଜାତ୍, ଭାଗ-2, ପୃ-67-68, ସଂସ୍କରଣ ବର୍ଷ--1984 ମସିହା)**

ହୁଜୁର ଅ.ସ ପୁନଶ୍ଚ କୁହନ୍ତି:"ଏକଥା ପ୍ରକାଶ୍ୟ ଯେ, ମନୁଷ୍ୟ ସ୍ୱଭାବତଃ ଅତ୍ୟନ୍ତ ଦୁର୍ବଳ ଅଟେ । ଈଶ୍ୱରଙ୍କ ଶତାଧିକ ଆଦେଶାବଳୀର ତା' ଉପରେ ବୋଝ ଲଦା ଯାଇଛି। ମନୁଷ୍ୟ ଯଦିଓ ଦୁର୍ବଳ କିନ୍ତୁ ପ୍ରଭୁ ଅନେକ ଆଦେଶାବଳୀ ଦେଇଉଛନ୍ତି। ସୁତରାଂ ମନୁଷ୍ୟ ସ୍ୱଭାବରେ ଏହା ପ୍ରବିଷ୍ଟ ଯେ, ସେ ନିଜର ଦୋଷ ଦୁର୍ବଳତା ଯୋଗୁଁ କେତେକ ଆଦେଶାବଳୀ ପାଳନ କରିବାକୁ ଅକ୍ଷମତା ପ୍ରକାଶ କରିପାରେ। ଏକଥା ସ୍ୱାଭାବିକ ଯେ, ଏତେସବୁ ଆଦାଶାବଳୀକୁ ମଣିଷ ସମ୍ପାଦନ କରି ନପାରେ। କେତେବେଳେ **ନଫ୍‌ସେ ଅମ୍ମାରା** (ପ୍ରବର୍ତ୍ତାଉଥିବା ମନ)ର କେତେକ ଇଚ୍ଛା ତା"ଉପରେ କର୍ତ୍ତୃତ୍ୱ ପ୍ରକାଶ କରିଥାଆନ୍ତି । ସୁତରାଂ ମନୁଷ୍ୟ ନିଜର ଦୁର୍ବଳ

### ଅଲ୍ଲାଃତାଲାଙ୍କ ବାଣୀ

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସ୍ୱଭାବ ଅନୁଯାୟୀ ଏହି କଥାର ଅଧିକାରୀ ଯେ, କୌଣସି ତ୍ରୁଟି ବିଚ୍ୟୁତି ବା ପ୍ରମାଦ ସମୟରେ ଯଦି ତୌବା ଏବଂ ଇସ୍ତିଗ୍‌ଫାର କରେ ତେବେ ପ୍ରଭୁଙ୍କ ଦୟା ତାହାକୁ ବିନାଶରୁ ରକ୍ଷା କରିନେବେ । କିନ୍ତୁ ପ୍ରକୃତ ତୌବା (କ୍ଷମାଯଚନା) ହୋଇଥିବା ଉଚିତ୍ । ମନୁଷ୍ୟ ସ୍ୱଭାବରେ ଏହି ଯେଉଁ ଦୁର୍ବଳତା ରଖାଯାଇଛି ତାହା ଯୋଗୁଁ ମନୁଷ୍ୟର ଏହି ଅଧିକାର ଯେ, ଅଲ୍ଲାଃତାଲା ପୁନଶ୍ଚ ତା'ର ପ୍ରକୃତ ତୌବାକୁ ସ୍ୱୀକାର କରନ୍ତୁ ଏବଂ ତାହାକୁ ବଞ୍ଚାଇ ନିଅନ୍ତୁ । ଅତଃ ଏହା ବିଶ୍ୱସନୀୟ ପ୍ରସଙ୍ଗ ଯେ, ପ୍ରଭୁ ଯଦି ପ୍ରକୃତ ତୌବା ଗ୍ରହଣକାରୀ ହୋଇ ନଥାଆନ୍ତେ ତେବେ ମନୁଷ୍ୟ ଉପରେ ଶତାଧିକ ଆଦେଶାବଳୀର ବୋଝ ଲଦି ଦିଆଯାଇ ନଥାଆନ୍ତା । ତହିଁରୁ ନିଃସନ୍ଦେହ ରୂପେ ଏହା ସାବ୍ୟସ୍ତ ହୁଏ ଯେ, ଈଶ୍ୱର ତୱାବ୍ (କ୍ଷମା ଗ୍ରହଣ କାରୀ) ଓ ଗଫୁର୍ (କ୍ଷମା ପ୍ରଦାନକାରୀ) ଅଟନ୍ତି । ତୌବାର ଏହି ଅର୍ଥ ଯେ, ମନୁଷ୍ୟ ଏକ ପାପକୁ ଏହା ସ୍ୱୀକାରୋକ୍ତ ପ୍ରକାଶପୂର୍ବକ ପରିତ୍ୟାଗ କରିଦେଉ ଯେ, ତା'କୁ ଯଦି ନର୍କାଗ୍ନିରେ ନିକ୍ଷେପ କରାଯାଏ ତେବେ ମଧ ସେ କୌଣସି ପାପ କଦାପି କରିବ ନାହିଁ । ସୁତରାଂ ତୌବା ନିମନ୍ତେ ଏହି ସର୍ତ୍ତ ରହିଛି ଓ ତୌବା ଏହିପରି କରିବା ଉଚିତ୍ । ସୁତରାଂ ମନୁଷ୍ୟ ଯେତେବେଳେ ଏହି ସତ୍ୟନିଷ୍ଠ ଏବଂ ସଂକଳ୍ପ ବଦ୍ଧ ହୋଇ ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରେ ତେବେ ଈଶ୍ୱର ନିଜର ଅସ୍ତିତ୍ୱରେ ଅଶେଷ ଦୟାବାନ ଓ ସଦା କୁରଣାମୟ ଅଟନ୍ତି ସେ ସେହି ବ୍ୟକ୍ତିର ପାପକୁ କ୍ଷମା କରିଦେଇ ଥାଆନ୍ତି । ଏହା ଈଶ୍ୱରଙ୍କର ସର୍ବୋଚ୍ଚ ବିଶେଷ ଗୁଣାବଳୀ ମଧ୍ୟରୁ ଅନ୍ୟତମ ଗୁଣାବଳୀ ଅଟେ । କାରଣ ଈଶ୍ୱର ଭକ୍ତର ତୌବାକୁ ସ୍ୱୀକାର କରି ତା'କୁ ଧ୍ୱଂସା ବା ବିନାଶରୁ ଉଦ୍ଧାର କରି ନିଅନ୍ତି । ଯଦି ମନୁଷ୍ୟକୁ ତୌବା କରିବାର ଆଶା ନଥାଏ ତାହାହେଲେ ସେ ପାପ କର୍ମରୁ ନିବୃତ୍ତ ହେବ ନାହିଁ ।"

ମନୁଷ୍ୟକୁ ଯେତେବେଳେ କୌଣସି ଆଶା ନଥାଏ ଯେ, ତା'ର ତୌବା ଗ୍ରହଣୀୟ ହେବ ତେବେ ସେପରିପ୍ରେକ୍ଷୀରେ ସେ ପାପ କାର୍ଯ୍ୟ କରି ଚାଲିଥାଏ । ଅନେକ ଲୋକମାନେ ପ୍ରଶ୍ନ କରନ୍ତି ଯେ, ତୌବା କରି କ'ଣଟା ଲାଭ ମିଳିବ ଯେତେବେଳେ ଏପରି ପରିଣାମ ହେବ ? ନା । ପରିଣାମ ପୂର୍ବରୁ ଯଦି ମନୁଷ୍ୟ ତୌବା କରିନିଏ ତାହାହେଲେ ଅଲ୍ଲାଃତାଲା ତାହାକୁ ଉଦ୍ଧାର କରି ନିଅନ୍ତି । ହୁଜୁର ଅ.ସ କହିଲେ, "ଖ୍ରୀଷ୍ଟ ଧର୍ମ ମଧ ତୌବା ସ୍ୱୀକୃତ ହେବାର ପରିପ୍ରକାଶକ ଅଟେ । କିନ୍ତୁ ସର୍ତ୍ତ ଏହିକିଯେ, ତୌବା ସ୍ୱୀକାରକାରୀ ଖ୍ରୀଷ୍ଟ ଧର୍ମାବଲମ୍ବୀ ହୋଇଥିବା ଉଚିତ୍ । କିନ୍ତୁ ଇସ୍‌ଲାମ୍ ଧର୍ମରେ ତୌବା ନିମନ୍ତେ କୌଣସି ଧର୍ମର ସର୍ତ୍ତ ନାହିଁ । ପ୍ରତ୍ୟେକ ଧର୍ମର ନିୟାମାନୁବର୍ତ୍ତୀ ହେବା ସଙ୍ଗେସଙ୍ଗେ ତୌବା ସ୍ୱୀକୃତ ହୋଇପାରିବ ଏବଂ କେବଳ ସେହି ପାପ ଅବଶିଷ୍ଟ ରହିଯାଇଥାଏ ଯାହାକି କୌଣସି ବ୍ୟକ୍ତି ଈଶ୍ୱରଙ୍କ ଧର୍ମଗ୍ରନ୍ଥ ଓ ଈଶ୍ୱରଙ୍କ ବାର୍ତ୍ତାବହଙ୍କୁ ପ୍ରତ୍ୟାଖ୍ୟାନ କରିଥାଏ । ଏହା ସଂପୂର୍ଣ୍ଣ ରୂପେ ଅସମ୍ଭବ ଯେ, ମନୁଷ୍ୟ କେବଳ ନିଜର କର୍ମ ଦ୍ୱାରା ମୋକ୍ଷ ଲାଭ ପାଇ ପାରିବ । ବରଂ ଈଶ୍ୱରଙ୍କ ଅପାର କୃପା ଯେ, ସେ କୌଣସି ବ୍ୟକ୍ତିର ତୌବା ସ୍ୱୀକାର କରିଥାଆନ୍ତି ଏବଂ କୌଣସି ବ୍ୟକ୍ତିକୁ ନିଜ କୃପାରୁ ଏପରି ଶକ୍ତି ପ୍ରଦାନ କରିଥାଆନ୍ତି ଯେ, ସେ ପାପ କର୍ମ କରିବାରୁ ସୁରକ୍ଷିତ ରହିଥାଏ ।"

**(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-189-190)**

ଜଣେ ବ୍ୟକ୍ତି ହ. ମସିହ୍ ମଉଦ୍ ଅ.ସଙ୍କ ସଭାରେ ଉପସ୍ଥିତ ହେଲା । ସେ ପଚାରିଲା ଯେ, ହେ ପ୍ରତଶୃତ ମସିହ୍ ! ମୁଁ କେଉଁ ୱଜିଫା ପାଠ କରିବି ? ଆପଣ ଅ.ସ କହିଲେ, ତୁମେ ଇସ୍ତିଗଫାର ପାଠ କର । ମନୁଷ୍ୟର ଦୁଇ ପ୍ରକାରର ଅବସ୍ଥା ଥାଏ । ସେ ପାପ ନକରୁ ଅବା ଅଲ୍ଲାଃତାଲା ସେହି ପାପର କୁପରିଣାମରୁ ତା'କୁ ରକ୍ଷା କରନ୍ତୁ । ସୁତାରଂ ଇସ୍ତିଗଫାର ପାଠ କରିବା ସମୟରେ ଉଭୟ ପ୍ରକାରର ଅର୍ଥକୁ ଧ୍ୟାନ ରଖିବା ଉଚିତ୍ । କାରଣ ନା ସେ ପାପ କରିବ ଓ ନା ହିଁ ପାପର କୁପରିଣାମ ପ୍ରକଟିତ ହେବ । ଅଲ୍ଲାଃତାଲା ସେହି ବ୍ୟକ୍ତିକୁ କ୍ଷମା କରିଦେବେ ଓ ସେ କେବେ ବି ପାପ ନକରୁ । ଏହି ପ୍ରସଙ୍ଗକୁ ସମ୍ମୁଖରେ ରଖି ଇସ୍ତିଗଫାର ପାଠ କରିବା ଉଚିତ୍ । ଅର୍ଥାତ୍ ପ୍ରଥମତଃ ଅଲ୍ଲାଃତାଲାଙ୍କ ନିକଟରେ ବିଗତ ପାପ କର୍ମକୁ ଲୁଚାଇବା ନିମନ୍ତେ କ୍ଷମାଯାଚନା କରିବା । **ଦ୍ୱିତୀୟତଃ** ଈଶ୍ୱରଙ୍କ ଠାରୁ ସାମର୍ଥ୍ୟ ଚାହିଁବା ଯେ, ହେ ଈଶ୍ୱର ତୁମ୍ଭେ ମୋତେ ଭବିଷ୍ୟରର ପାପରୁ ବଞ୍ଚାଅ । କିନ୍ତୁ ଇସ୍ତିଗଫାର କେବଳ ତୁଣ୍ଡରୁ ପୂର୍ଣ୍ଣ ହୋଇ ନଥାଏ ବରଂ ହୃଦୟର ସହିତ ଇସ୍ତିଗଫାର କରିବା ଉଚିତ୍ । ତେଣୁ ତୁମେମାନେ ନମାଜରେ ମଧ ନିଜ ଭାଷାରେ ଦୁଆ କର । ଏହା ନିତାନ୍ତ ଜରୁରୀ ଅଟେ ।" (ମଲ୍‌ଫୁଜାତ୍, ଭାଗ-2,ପୃ-320, ସଂସ୍କରଣ ବର୍ଷ-1984 ମସିହା)

ବର୍ତ୍ତମାନ ତୁଣ୍ଡରୁ କେବଳ ବାଚିକ ଇସ୍ତିଗଫାର କହିଦେବା କିମ୍ବା ଲେଖିଦେବା ଯେ, ଅସ୍ତଗଫିରୁଲ୍ଲାଃହା ରବବି । ବର୍ତ୍ତମାନ ଆଉ କୌଣସି ଦୋଷ ତ୍ରୁଟି ହେବ ନାହିଁ। ଯେପର୍ଯ୍ୟନ୍ତ ଏହା ସାବ୍ୟସ୍ତ କରିବା ନିମନ୍ତେ ଉଦ୍ୟମ ନହୁଏ ଯେ, ମନୁଷ୍ୟ ସେହି ପାପ ଆଡ଼କୁ ପୁନଃ କେବେ ବି ଲେଉଟି ଯିବ ନାହିଁ ଯାହାକି ତା' ଦ୍ୱାରା ସମ୍ପାଦିତ ହୋଇଯାଇଛି ସେପର୍ଯ୍ୟନ୍ତ ଅସ୍ତଗଫିରୁଲ୍ଲାଃ କହିବା ଦ୍ୱାରା କୌଣସି ଲାଭ ମିଳି ନଥାଏ । ଏକ ଅବସରରେ ହ. ମସିହ୍ ମଉଦ୍ ଅ.ସ ଇସ୍ତିଗଫାରର ଅର୍ଥ ବୁଝାଇ କହିଲେ, ଇସ୍ତିଗଫାର୍‌ର ଏହି ଅର୍ଥ ପ୍ରକାଶ୍ୟରେ ବ୍ୟକ୍ତି ଦ୍ୱାରା କୌଣସି ପାପ କାର୍ଯ୍ୟ ସମ୍ପାଦିତ ନହେଉ ଓ ପାପକାରୀ ଶକ୍ତି ପ୍ରାଦୁର୍ଭୂତ ନହେଉ । ଅବତାରମାନଙ୍କର ଇସ୍ତିଗଫାରର ମଧ ଏହି ବାସ୍ତବତା ରହିଛି ଯେ, ସେମାନେ ନିଷ୍ପାପ ଏବଂ ନିର୍ଦ୍ଦୋଷ ଅଟନ୍ତି । କିନ୍ତୁ ସେମାନେ ଇସ୍ତିଗଫାର ଏଇଥିପାଇଁ କରନ୍ତି ଯେ, ଭବିଷ୍ୟତରେ ପାପ କର୍ମ ସମ୍ପାଦନକାରୀ ଶକ୍ତି ପ୍ରାଦୁର୍ଭୂତ ନହେଉ ।

ସେହିପରି ଇସ୍ତିଗଫାରର ସାଧାରଣ ଅର୍ଥ ଏହା ଯେ, ଯେଉଁ ପାପ ତଥା ଅପରାଧ ହୋଇଯାଇଛି ତାହାର କୁପରିଣାମରୁ ଈଶ୍ୱର ବଞ୍ଚାଇ ରଖନ୍ତୁ ଏବଂ ସେହି ପାପକୁ କ୍ଷମା କରି ଦିଅନ୍ତୁ ଏବଂ ତତ୍‌ସହିତ ଭବିଷ୍ୟତରେ ପାପରୁ ସୁରକ୍ଷିତ ରଖନ୍ତୁ। ହୁଜୁର ଅ.ସ କହିଲେ, ସେ ଯାହା ହେଉ ମନୁଷ୍ୟ ପକ୍ଷେ ଏହା ଅନିବର୍ଯ୍ୟ ଯେ, ସେ ଇସ୍ତିଗଫାର କରିବାରେ ସର୍ବଦା ନିମଜ୍ଜିତ ରହୁ । ମନୁଷ୍ୟ ଉପରେ ଯେଉଁ ବିପତ୍ତିମାନ ଦୁର୍ଭିକ୍ଷ ଆକାରରେ ଅବତୀର୍ଣ୍ଣ ହୋଇଥାଏ କିମ୍ବା ଅନ୍ୟ କୌଣସି ରୂପରେ ଅବତୀର୍ଣ୍ଣ ହୋଇଥାଏ । ସେହି ବିପତ୍ତିର ଏହି ଅର୍ଥ ହୋଇଥାଏ ଯେ, ଲୋକମାନେ ଇସ୍ତିଗଫାର କରିବାରେ ନିମଜ୍ଜିତ ହୋଇ ଯାଆନ୍ତୁ । ଆଜି କାଲି ପୃଥିବୀରେ ଯୁଦ୍ଧ ଭଳି ପରିସ୍ଥିତି ଲାଗି ରହିଛି । ଏହି ପରିସ୍ଥିତିରେ ମଧ ସଂସାରକୁ ସୁରକ୍ଷିତ ରଖିବା ନିମନ୍ତେ, ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ଆମ ଅହେମଦିମାନଙ୍କୁ ମଧ ବହୁଳ ରୂପେ ଇସ୍ତିଗଫାର କରିବାର ଆବଶ୍ୟକତା ରହିଛି ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି ଯେ, ଇସ୍ତିଗଫାରର ଅର୍ଥ ଏହା ନୁହେଁ ଯେ, ଖାଲି أَسْتَغْفِرُ اللّٰهَ۔ أَسْتَغْفِرُ اللّٰهَ କହି ବୁଲୁଥିବା । ବାସ୍ତବରେ ଅଣ ରାଷ୍ଟ୍ରୀୟ ବିଦେଶୀ ଭାଷା ଯୋଗୁଁ ଲୋକମାନଙ୍କ ଠାରେ ଇସ୍ତିଗଫାରର ଅର୍ଥ ଆଗୋଚର ହୋଇ ରହିଛି । ଆରବର ଲୋକମାନେ ଏହି କଥାକୁ ଭଲ ଭାବରେ ବୁଝୁଥିଲେ। କିନ୍ତୁ ଆମ ଦେଶରେ ଅଣଭାଷୀୟ ଲୋକମାନଙ୍କ ଯୋଗୁଁ ଅନେକ ବାସ୍ତବତା ଲୁକ୍କାୟିତ ହୋଇ ରହିଛି । ଅନେକ ଲୋକମାନେ ଏହା କୁହନ୍ତି ଯେ, ଆମେମାନେ ଏତେଥର ଇସ୍ତିଗଫାର କରିଛୁ । ଏତେଥର ଜପ କଲୁ ବା ସହସ୍ର ଥର ଜପ କଲୁ। କିନ୍ତୁ ସେମାନଙ୍କୁ ଯେତେବେଳେ ଏହାର ଅର୍ଥ ପଚରାଯାଏ ସେତେବେଳେ ସେମାନେ କିଛି ଜାଣନ୍ତି ନାହିଁ । ସେମାନେ ସ୍ତମ୍ଭୀଭୂତ ହୋଇ ରହିଯିବେ । ମନୁଷ୍ୟ ପକ୍ଷେ ଏହା ଉଚିତ୍ ଯେ, ସେ ପ୍ରକୃତ ରୂପେ ହୃଦୟରେ ହିଁ ଈଶ୍ୱରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଥାଉ । କାରଣ ସେ ଏହା ସ୍ୱୀକାର କରୁ ଯେ, ହେ ପ୍ରଭୁ ! ମୋ ଦ୍ୱାରା ଯେଉଁ ଅପରାଧ ସମ୍ପାଦିତ ହୋଇଯାଇଛି ସେଥିପାଇଁ ମୋତେ ଶାସ୍ତି ଭୋଗିବାକୁ ନପଡୁ ଏବଂ ଭବିଷ୍ୟତରେ ମନରେ ମନରେ ପ୍ରତ୍ୟେକ ସମୟ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରୁଥାଉ । ଅର୍ଥାତ୍ ସେ ଏହା କହୁ ଯେ, ହେ ପ୍ରଭୁ ! ତୁମ୍ଭେ ମୋତେ ଭବିଷ୍ୟତରେ ପୁଣ୍ୟ କର୍ମ ସମ୍ପାଦନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କର ଓ ପାପରୁ ସୁରକ୍ଷିତ ରଖ । ଆପଣ ଅ.ସ କୁହନ୍ତି: "ଏକଥା ଭଲ ଭାବରେ ମନେରଖ ଯେ, କେବେଳ ବାଚିକ ଉଚ୍ଚାରିତ ଶବ୍ଦ ଦ୍ୱାରା କାମ ଚଳିବ ନାହିଁ । ନିଜ ଭାଷାରେ ମଧ ଇସ୍ତିଗଫାର ହୋଇ ପାରିବ । ଅର୍ଥାତ୍ ହେ ଈଶ୍ୱର ! ତୁମ୍ଭେ ମୋର ପୂର୍ବ ପାପକୁ କ୍ଷମା କରିଦିଅ ଏବଂ ଭବିଷ୍ୟତର ପାପରୁ ମୋତେ ସୁରକ୍ଷିତ ରଖ ଏବଂ ପୁଣ୍ୟ କର୍ମ ସମ୍ପାଦନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କର । ଏହା ହିଁ ପ୍ରକତ ଇସ୍ତିଗଫାରଅ ଅଟେ। ଏଥିପାଇଁ أَسْتَغْفِرُ اللّٰهَ۔ أَسْتَغْفِرُ اللّٰهَ କହିବାର ଆବଶ୍ୟକତା ନାହିଁ । ଅର୍ଥାତ୍ ବ୍ୟକ୍ତି ଯଦି କେବଳ ଅସ୍ତଗଫିରୁଲ୍ଲାଃ ଅସ୍ତଗଫିରୁଲ୍ଲାଃ ଖାଲି କହେ ଏବଂ ତା'ର ମନକୁ ମଧ ଖବର ନଥିବ । ତେବେ ଏପରି ଇସ୍ତିଗଫାରର କୌଣସି ଆବଶ୍ୟକତା ଏବଂ ମୂଲ୍ୟ ନାହିଁ । ମନେରଖ ! ଅଲ୍ଲାଃତାଲାଙ୍କ ପର୍ଯ୍ୟନ୍ତ ସେହି କଥା ପହଞ୍ଚିଥାଏ ଯାହା ହୃଦୟରୁ ବାହାରିଥାଏ । ତେଣୁ ନିଜ ଭାଷାରେ ମଧ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରିବା ଉଚିତ୍ । ଏପରି କରିବା ଦ୍ୱାରା ହୃଦୟରେ ପ୍ରଭାବ ମଧ ପଡ଼ିଥାଏ । ତୁଣ୍ଡ ତ' କେବଳ ହୃଦୟର ସାକ୍ଷ୍ୟ ପ୍ରଦାନ କରିଥାଏ । ମନ ଭିତରେ ଯଦି ଉତ୍ସାହ ଓ ଉନ୍ମାଦନା ସୃଷ୍ଟି ହୁଏ ଓ ତୁଣ୍ଡ ମଧ ସାଥିରେ ମିଶିଯାଏ ତାହାହେଲେ ଖୁବ୍ ଭଲ କଥା । ତେଣୁ ବିନା ହୃୟଦରେ କେବଳ ବାଚିକ ଦୁଆ କରିବା ନିରର୍ଥକ ଅଟେ । ହିଁ ହୃଦୟର ଦୁଆ ହିଁ ପ୍ରକୃତ ଦୁଆ ହୋଇଥାଏ । ମନୁଷ୍ୟ ଉପରେ ବିପତ୍ତି ଅବତୀର୍ଣ୍ଣ ହେବା ପୂର୍ବରୁ ମନୁଷ୍ୟ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଯଦି ମନରେ ହିଁ ଈଶ୍ୱରଙ୍କ ନିକଟରେ ଦୁଅ (ପ୍ରାର୍ଥନା) କରେ, ଇସ୍ତିଗଫାର କରେ ତେବେଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ସେହି ବିପତ୍ତିକୁ ଅପସାରିତ କରି ଦିଅନ୍ତି । କିନ୍ତୁ ଯେତେବେଳେ ବିପତ୍ତି ଅବତୀର୍ଣ୍ଣ ହୋଇଯାଏ ସେତେବେଳେ ତାହା ଆଉ ଅପସାରିତ ହୋଇ ନଥାଏ ।"

ସୁତରାଂ ବିପତ୍ତି ଅବତୀର୍ଣ୍ଣ ହେବା ପୂର୍ବରୁ ପ୍ରଥମେ ଦୁଆ କରିବା ଉଚିତ୍ ଓ ବହୁତ ଇସ୍ତିଗଫାର କରିବା ଉଚିତ୍ । ଏପରି କରିବା ଦ୍ୱାରା ପ୍ରଭୁ ବିପତ୍ତିରୁ ମନୁଷ୍ୟକୁ ରକ୍ଷା ଓ ଉଦ୍ଧାର କରିଥାଆନ୍ତି । ହୁଜୁର୍ ଅ.ସ କୁହନ୍ତି: ଆମ ଜମାଅତ୍ ପକ୍ଷେ ଏହା ଆବଶ୍ୟକତ ଯେ, କୌଣସି ପାର୍ଥକ୍ୟଗତ ପ୍ରସଙ୍ଗ ପ୍ରଦର୍ଶନ କରନ୍ତୁ । କୌଣସି ବ୍ୟକ୍ତି ଯେତେବେଳେ ଏଠାରୁ ବୈଅତ୍ କରି ଯାଇଥାଏ ଓ ପରବର୍ତ୍ତୀ ସମୟରେ ସେ କୌଣସି ଅନନ୍ୟ, ଅପୂର୍ବ ତଥା ପାର୍ଥକ୍ୟଗତ ପ୍ରସଙ୍ଗ ଅର୍ଥାତ ନିଦର୍ଶନ ପ୍ରଦର୍ଶନ କରେ ନାହିଁ ତେବେ ବୈଅତ୍ କରିବାର କୌଣସି ମୂଲ୍ୟ ନାହିଁ । ତାହା ମୂଲ୍ୟହୀନ ଅଟେ । ତତ୍‌ସଂକ୍ରାନ୍ତରେ ହୁଜୁର୍ ଅ.ସ ଏକ ଉଦାହରଣ ଦେଇ କୁହନ୍ତି ଯେ, ଆମ ଜମାଅତ୍‌ର ଜଣେ ବ୍ୟକ୍ତି ଏଠାରୁ ଅର୍ଥାତ୍ କାଦିଆନରୁ ବୈଅତ୍ କରି ନିଜ ଘରକୁ ଫେରି ନିଜ ପତ୍ନି, ପରିବାର ଓ ସନ୍ତାନ ସନ୍ତତିଙ୍କ ସହିତ ପୂର୍ବ ପରି ଅସଦ୍‌ବ୍ୟବହାର ପ୍ରଦର୍ଶନ କରେ ତେବେ ଏହା ଅତ୍ୟନ୍ତ ନିନ୍ଦନୀୟ ପ୍ରସଙ୍ଗ ଅଟେ । ବୈଅତ୍ କରିବା ପରେ ଯଦି ସେହି ଅସଦ୍‌ବ୍ୟବହାର, ଅଶାଳୀନ ଭାଷା ପ୍ରୟୋଗ କରେ ଏବଂ ଅଶିଷ୍ଟତା ତଥା ଅସଭ୍ୟ ବ୍ୟବାହର ଦେଖାଏ ତେବେ ବୈଅତ୍ କରିବାର କୌଣସି ମୂଲ୍ୟ ନାହିଁ ତାହା ମୂଲ୍ୟହୀନ ଅଟେ । ତେଣୁ ବୈଅତ୍ କରିବା ପରେ ଜମାଅତ୍‌ର ସଦସ୍ୟ ବୃନ୍ଦ ପକ୍ଷେ ଏହା ଉଚିତ୍ କି ସେମାନେ ନିଜର ପରିବାର, ସଂପର୍କୀୟ, ଆତ୍ମୀୟ ସ୍ୱଜନ ଏବଂ ପ୍ରତିବେଶୀଙ୍କ ପାଇଁ ଏପରି ଉଦାହରଣ ଏବଂ ଆଦର୍ଶ ପାଲଟି ଯାଆନ୍ତୁ ଯେ, ସେମାନେ କହି ଉଠିବେ ଯେ, ବର୍ତ୍ତମାନ ସେହି ବୈଅତ୍ କରିଥିବା ଅହେମଦି ବ୍ୟକ୍ତିଟି ଆଉ ପୂର୍ବ ପରି ରହିଲା ନାହିଁ । ତେଣୁ ଇସ୍ତିଗଫାରର ପ୍ରକୃତ ପରିଣାମ ଏହିପରି ହେବା ଉଚିତ୍ ।

ଏକଥା ଭଲ ଭାବରେ ମନେରଖ ଯେ, ତୁମେ ଯଦି ନିର୍ମଳ ହୃଦୟ ହୋଇ କୌଣସି କର୍ମ କରିବ ତେବେ ଏହାର ପ୍ରଭାବ ମଧ୍ୟ ଅନ୍ୟମାନଙ୍କ ଉପରେ ଅବଶ୍ୟ ପଡ଼ିବ। ଆଁହଜରତ ସ.ଅଙ୍କ କେତେ ଭବ୍ୟ ପ୍ରଭାବ ରହିଥିଲା ସାହାବା ଓ ଅନ୍ୟମାନଙ୍କ ଉପରେ । ଏକଦା ଅବିଶ୍ୱାସକାରୀମାନଙ୍କ ମନରେ ଆଁହଜରତ ସ.ଅଙ୍କ ପ୍ରତି ସନ୍ଦେହ ଜାତ ହେଲା ଯେ, ଆପଣ ସ.ଅ ସେମାନଙ୍କୁ ଅଭିଶାପ ଦେବେ । ତେଣୁ ସେହି ସମସ୍ତ ଅବିଶ୍ୱାସକାରୀମାନେ ଏକାଠି ହୋଇ ଆସିଲେ ଏବଂ କହିଲେ, ହେ ମୁହମ୍ମଦ ସ.ଅ! ତୁମେ ଅଭିଶାପ ଦିଅ ନା । ଜଣେ ସଚ୍ଚୋଟ ଏବଂ ସତ୍ୟନିଷ୍ଠ ବ୍ୟକ୍ତିର ପ୍ରଭାବ ଅନ୍ୟମାନଙ୍କ ଉପରେ ଅବଶ୍ୟ ପଡ଼ିଥାଏ । ତେଣୁ ଏଥି ନିମନ୍ତେ ପୂର୍ଣ୍ଣ ରୂପେ ନିର୍ମଳ ହୋଇ ଯଦି ସୁକର୍ମ କରାଯାଏ ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ନିମନ୍ତେ କର୍ମ ସମ୍ପାଦନ କରାଯାଏ ତେବେ ଏହାର ପ୍ରଭାବ ଅବଶ୍ୟ ଅନ୍ୟମାନଙ୍କ ଉପରେ ପଡ଼ିଥାଏ ।

**(ମଲ୍‌ଫୁଜାତ୍ ଭାଗ-9, ପୃ-372-374, ପ୍ରକାଶନ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: ଅଲ୍ଲାଃତାଲାଙ୍କୁ ଭୟ କରିବା ଏବଂ ଧର୍ମପରାୟଣ ବ୍ୟକ୍ତି ହେବା ବହୁତ ବଡ଼ କଥା ଅଟେ । ଅଲ୍ଲାଃତାଲା ଏହି ଭୟ ଏବଂ ଧର୍ମପରାଣତା ମାଧ୍ୟମରେ ସହସ୍ର ବିପତ୍ତିରୁ ମନୁଷ୍ୟକୁ ଉଦ୍ଧାର କରିଥାଆନ୍ତି । କିନ୍ତୁ ସର୍ତ୍ତ ଏହା ରହିଛି ଯେ, ସେହି ବ୍ୟକ୍ତି ସହିତ ପ୍ରଭୁଙ୍କର ସଂପର୍କ ସଂଶ୍ଳୀଷ୍ଟ ରହିଛି । କୌଣସି ବ୍ୟକ୍ତି ଏହା କହିପାରିବ ନାହିଁ ଯେ, ମୋତେ ବିପତ୍ତି ଧରିପାରିବ ନାହିଁ । କୌଣସି ବ୍ୟକ୍ତି ସନ୍ତୁଷ୍ଟ ହେବା ଅନୁଚିତ୍ ଅଟେ । ବିପତ୍ତି ତ' ହଠାତ୍ ଆସିଯାଇଥାଏ। କୌଣସି ବ୍ୟକ୍ତିକୁ ଏହା ଜ୍ଞାତ ନାହିଁ ଯେ, ରାତ୍ରରେ କ'ଣ ଘଟିବ । ହଦିସ୍‌ରେ ଏକ ଘଟଣା ସଂପର୍କରେ ଉଲ୍ଲେଖ ରହିଛି ଯେ, ଏକଦା ଆଁହଜରତ ସ.ଅ ଛିଡ଼ା ହୋଇଥିଲେ। ଆପଣ ସ.ଅ ପ୍ରଥମେ ବହୁତ କାନ୍ଦିଲେ ପୁନଶ୍ଚ ଲୋକମାନଙ୍କୁ ସମ୍ବୋଧିତ କରି କହିଲେ, يَاعِبَادَ اللّٰه ଅର୍ଥାତ୍ ହେ ଅଲ୍ଲାଃତାଲାଙ୍କ ଭକ୍ତ ! ତୁମେମାନେ ଈଶ୍ୱରଙ୍କୁ ଭୟ କର ! ବିପତ୍ତି ଏବଂ ବିନାଶ ପିମ୍ପୁଡ଼ି ପରି ମନୁଷ୍ୟ ସହିତ ଲାଗି ରହିଛି। ସତ୍‌ହୃଦୟ ହୋଇ ଯେପର୍ଯ୍ୟନ୍ତ ତୁମେମାନେ ତୌବା ଇସ୍ତିଗଫାରରେ ନିମଜ୍ଜିତ ହୋଇଯାଇ ନାହଁ ସେପର୍ଯ୍ୟନ୍ତ ତହିଁରୁ ବର୍ତ୍ତିବାର କୌଣସି ଉପାୟ ନାହିଁ ।

ଆପଣ ଅ.ସ ଇସ୍ତିଗଫାରର ଅତିରିକ୍ତ ଅର୍ଥ ବ୍ୟାଖ୍ୟା କରି କୁହନ୍ତି; "ଅଲ୍ଲାଃତାଲାଙ୍କ ଠାରୁ ନିଜର ବିଗତ ପାପ ଏବଂ ଅପରାଧର ଶାସ୍ତିରୁ ସୁରକ୍ଷା ଚାହିଁବା ଏବଂ ଆଗାମୀ ଓ ଭବିଷ୍ୟତରେ ସମ୍ପାଦିତ ହେବାକୁ ଥିବା ପାପରୁ ସୁରକ୍ଷା ଲୋଡ଼ିବା । ଅବତାରମାନେ ମଧ୍ୟ ଇସ୍ତିଗଫାର କରୁଥିଲେ ଏବଂ ଜନସାଧାରଣ ମଧ୍ୟ ଇସ୍ତିଗଫାର କରୁଥିଲେ । କେତେକ ଅବୋଧ ପାଦ୍ରୀମାନେ ଆଁହଜରତ ସ.ଅଙ୍କ ଇସ୍ତିଗଫାର ଉପରେ ଆପତ୍ତି କରିଛନ୍ତି । ପାଦ୍ରୀମାନେ କୁହନ୍ତି ଆଁହଜରତ ସ.ଅ ଯଦି ଇସ୍ତିଗଫାର କରୁଥିଲେ ତେବେ ଆପଣ ସ.ଅ ନାଉଜୁବିଲ୍ଲାଃ (ପ୍ରଭୁଙ୍କ ଶରଣ ଭିକ୍ଷା କରୁଛୁ) ପାପୀ ଥିଲେ । ସେହି ପାଦ୍ରୀମାନଙ୍କୁ ଆପଣ ଅ.ସ ଉତ୍ତର ପ୍ରଦାନ କରି କୁହନ୍ତି: ଆଜ୍ଞା ହଁ ! ଆଁହଜରତ ସ.ଅ ଇସ୍ତିଗଫାର କରୁଥିଲେ । କିନ୍ତୁ ଏବି ଅବୋଧ ପାଦ୍ରୀମାନେ ଏହା ବୁଝିପାରନ୍ତି ନାହିଁ ଯେ, ଇସ୍ତିଗଫାର ଏକ ସର୍ବୋଚ୍ଚ ବିଶିଷ୍ଟ ଗୁଣାବଳୀ ଅଟେ । ମନୁଷ୍ୟ ସ୍ୱଭାବତଃ ଏପରି ସୃଷ୍ଟି ହୋଇଛି ଯେ, ଦୁର୍ବଳତା ଏବଂ ନିର୍ବଳତା ତା'ର ସ୍ୱଭାବଗତ ଇଚ୍ଛା ତଥା ଅଭିଳାଷା ଅଟେ । ଅବତାରମାନେ ମନୁଷ୍ୟର ଏହି ସ୍ୱଭାବଗତ ନିର୍ବଳତା ଓ ଦୁର୍ବଳତା ସହିତ ଭଲ ଭାବରେ ଅବଗତ ଏବଂ ପରିଚିତ ଅଟନ୍ତି । ଅତଃ ଆପଣ ସ.ଅ ଏବଂ ଅବତାରମାନେ ଏହି ପ୍ରାର୍ଥନା କରୁଥିଲେ ଯେ, ହେ ଈଶ୍ୱର ! ତୁମ୍ଭେ ଆମ୍ଭର ଏପରି ସୁରକ୍ଷା କର ଯେପରିକି ମାନବିକ ଦୋଷ ଦୁର୍ବଳତା ଆଉ ପ୍ରାଦୁର୍ଭୁତ ହୋଇପାରିବ ନାହିଁ । غفر (ଗଫର) ଘୋଡ଼ାଇବାକୁ କୁହନ୍ତି । ବାସ୍ତବତା ଏହିକି ଯେ, ଯେଉଁ ଶକ୍ତି ଈଶ୍ୱରଙ୍କ ପାଖରେ ରହିଛି ତାହା କୌଣସି ଅବତାର, କୌଣସି ସାଧୁ ସନ୍ଥ ଓ ନା ହିଁ ବାର୍ତ୍ତାବହ ପାଖରେ ନାହିଁ । କୌଣସି ବ୍ୟକ୍ତି ଏହି ଦାବି କରିପାରିବ ନାହିଁ ଯେ, ସେ ନିଜସ୍ୱ ଶକ୍ତି ଓ ଉଦ୍ୟମ ବଳରେ ପାପ ଓ ଅପରାଧରୁ ବର୍ତ୍ତି ପାରିବ। ଅତଏବ ଅବତାରମାନେ ମଧ୍ୟ ସୁରକ୍ଷା ସକାଶେ ଈଶ୍ୱରଙ୍କ ଉପରେ ନିର୍ଭରଶୀଳ ଅଟନ୍ତି । ସୁତରାଂ ଭାକ୍ତିକତା ପରିପ୍ରକାଶ ନିମନ୍ତେ ଆଁହଜରତ ସ.ଅ ମଧ୍ୟ ଅନ୍ୟ ଅବତାରମାନଙ୍କ ପରି ନିଜର ସୁରକ୍ଷା ନିମନ୍ତେ ଈଶ୍ୱରଙ୍କ ଠାରୁ ସାହାଯ୍ୟ ଭିକ୍ଷା କରୁଥିଲେ ।"

ସେହି ଖ୍ରୀଷ୍ଟିଆନ୍‌ମାନେ କୁହନ୍ତି ଯେ, ହ. ଇସା ଅ.ସ ଇସ୍ତିଗ୍‌ଫାର କରୁ ନଥିଲେ। ଏହା ହେଉଛି ସେହି ଲୋକମାନଙ୍କର କୁଚିନ୍ତାଧାରା ଏବଂ ସେମାନଙ୍କର ମୂର୍ଖତା, ଅବୋଧତା ଯୋଗୁଁ ସେମାନେ ହ. ଇସା ଅ.ସଙ୍କ ଉପରେ ଲାଞ୍ଛନ ଲଗାଉଥିଲେ। ଇଞ୍ଜିଲ୍‌ରେ ବିଚାର କରିବା ଦ୍ୱାରା ସ୍ପଷ୍ଟ ରୂପେ ଜ୍ଞାତ ହୋଇଥାଏ ଯେ, ହ. ଇସା ଅ.ସ ସ୍ପଷ୍ଟ ରୂପେ ସ୍ଥାନେ ସ୍ଥାନେ ନିଜ ଦୁର୍ବଳତାର ପରିପ୍ରକାଶ କରିଥିଲେ ଏବଂ ଇସ୍ତିଗଫାର ମଧ୍ୟ କରିଛନ୍ତି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଆଛା ତାହାହେଲେ ହ. ଇସା ଅ.ସ୍ ଯେଉଁ اِیْلِی اِیْلِی لِمَا سَبَقْتَانِی କହିଥିଲେ, ଏହାର ଅର୍ଥ କ'ଣ ? ହ. ଇସା ଅ.ସ ایلی ایلی କାହିଁକି ଡାକିଲେ ନାହିଁ । ଇବ୍ରାନୀ ଭାଷାରେ ଇଲି ଅର୍ଥ ଈଶ୍ୱର ଅଟେ । ଅତଏବ ଉପରୋକ୍ତ ପଦ ସମଷ୍ଟିର ଅର୍ଥ ଏହିକି ଯେ, ହେ ପ୍ରଭୁ ମୋ ଉପରେ ଦୟା କର ଏବଂ ମୋ ଉପରେ କୃପା କର ଓ ମୋତେ ଏପରି ଅସହାୟ ପରିତ୍ୟକ୍ତ କରିଦିଅ ନାହିଁ (ଅର୍ଥାତ୍ ମୋତେ ସୁରକ୍ଷା ପ୍ରଦାନ କର) । ବାସ୍ତବରେ ସମସ୍ୟା ଏହିକି ଯେ, ଭାରତ ବର୍ଷରେ ଭାଷାଗତ ତାରତମ୍ୟତା ଯୋଗୁଁ ଇସ୍ତିଗଫାରର ପ୍ରକୃତ ଅର୍ଥ ଉହ୍ୟ ହୋଇଯାଇଛି । ଏହି ଦୁଆଗୁଡ଼ିକୁ ମନ୍ତ୍ର, ଜପ ରୂପେ ମନେକରି ନିଆଯାଇଛି । ଅର୍ଥାତ୍ ନମାଜ୍ କ'ଣ, ଇସ୍ତିଗଫାର କ'ଣ ଓ ତୌବା କ'ଣ ? ତତ୍‌ସଂକ୍ରାନ୍ତରେ ଯଦି କୌଣସି ବ୍ୟକ୍ତିକୁ ଉପଦେଶ ଦିଆଯାଏ ଯେ, ତୁମେ ଇସ୍ତିଗଫାର ପଢ । ତେବେ ସେହି ବ୍ୟକ୍ତି ଜଣକ ଏହି ଉତ୍ତର ଦେବ ଯେ, ମୁଁ ଶହେ କିମ୍ବା ଦଇ ଶହ ଥର ଇସ୍ତିଗଫାର ପାଠ କରୁଛି କିନ୍ତୁ ଯେତେବେଳେ ସେହି ବ୍ୟକ୍ତିକୁ ଇସ୍ତିଗଫାରର ଅର୍ଥ ପଚରାଯାଏ ସେତେବେଳେ ସେ କହେ ମୁଁ ଇସ୍ତିଗଫାରର ଅର୍ଥ ଜାଣି ନାହିଁ ।

ଇସ୍ତିଗଫାର ଏକ ଆରବିକ ଶବ୍ଦ, ଏହାର ଅର୍ଥ କ୍ଷମାଯାଚନା କରିବା ଯେ, ହେ ଈଶ୍ୱର ! ମୋ ଦ୍ୱାରା ଯେଉଁ ପାପ ସମ୍ପାଦିତ ହୋଇଯାଇଛି ତାହାର କୁପରଣତିରୁ ମୋତେ ରକ୍ଷା କର । କାରଣ ପାପ ଏକ ବିଷ ଅଟେ । ତେଣୁ ବିଷର ପ୍ରଭାବ ମଧ୍ୟ ଅନିର୍ବାର୍ଯ୍ୟ ଅଟେ । ଅତଃ ହେ ପ୍ରଭୁ ! ଭବିଷ୍ୟତରେ ମଧ୍ୟ ମୋତେ ଏପରି ସୁରକ୍ଷା ପ୍ରଦାନ କର ଯେପରିକି ମୋ ଦ୍ୱାରା ଆଉ କୌଣସି ପାପ କର୍ମ ସମ୍ପାଦିତ ନହେଉ ।

କେବଳ ତୁଣ୍ଡର ବାଚିକ ଇସ୍ତିଗଫାର ଉଚ୍ଚାରଣ କରିଦେବା ଦ୍ୱାରା ଅଭିପ୍ରାୟ ପ୍ରାପ୍ତ ହୋଇଯାଇ ନଥାଏ । ସୁତରାଂ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତୌବା (କ୍ଷମାଯାଚନା) ର ଅର୍ଥ ଅନୁତାପ କରିବା ଓ ଲଜ୍ଜିତ ହୋଇ କୁକର୍ମରୁ ମୁଁ ମୋଡ଼ିନେବା। ଏହା (ତୌବା) କୌଣସି ଖରାପ୍ କାର୍ଯ୍ୟ ନୁହେଁ । ବରଂ ତୌବା ସଂକ୍ରାନ୍ତରେ ଏହା ଉଲ୍ଲେଖ ରହିଛି ଯେ, ତୌବାକାରୀ ଭକ୍ତ ଈଶ୍ୱରଙ୍କର ବହୁତ ପ୍ରିୟ ଭକ୍ତ ଅଟେ । ଅଲ୍ଲାଃତାଲାଙ୍କର ନାମ ମଧ୍ୟ ତୱାବ୍ ଅଟେ । ଏହାର ଅର୍ଥ ଏହିକିଯେ, ମନୁଷ୍ୟ ଯେତେବେଳେ ନିଜର ପାପ ଏବଂ କୁକାର୍ଯ୍ୟ ଯୋଗୁଁ ଅନୁତପ୍ତ ହୋଇ ଲଜ୍ଜିତ ହୁଏ ଓ ଭବିଷ୍ୟତରେ କୁକର୍ମରୁ ନିବୃତ୍ତ ରହିବା ନିମନ୍ତେ ଅଙ୍ଗୀକାର (ପ୍ରତିଜ୍ଞା) କରିଥାଏ ସେତେବେଳେ ଅଲ୍ଲାଃତାଲା ମଧ୍ୟ ଦୟାପୂର୍ବକ ଭକ୍ତର ନୈବେଦ୍ୟକୁ ସ୍ୱୀକାର କରିଥାଆନ୍ତି । ଅଲ୍ଲାଃତାଲା ମନୁଷ୍ୟର ତୌବା ଠାର ଅଧିକ ତୌବାକୁ ସ୍ୱୀକାର କରନ୍ତି। ସୁତରାଂ ହଦିସ୍‌ରେ ତତ୍‌ସଂକ୍ରାନ୍ତରେ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଉଲ୍ଲେଖ ରହିଛି ଯେ, ବ୍ୟକ୍ତି ଯଦି ଈଶ୍ୱରଙ୍କ ଆଡ଼କୁ ଚାଖଣ୍ଡେ ଆସେ ତେବେ ଈଶ୍ୱର ତା' ଆଡ଼କୁ ହାତେ ଆସିଥାଆନ୍ତି। ମନୁଷ୍ୟ ଯଦି ଈଶ୍ୱରଙ୍କ ଆଡ଼କୁ ଚାଲି ଚାଲି ଆସେ ତେବେ ଅଲ୍ଲାଃତାଲା ସେହି ଭକ୍ତ ବା ବ୍ୟକ୍ତି ଆଡ଼କୁ ଦୌଡ଼ି ଆସନ୍ତି । ଅର୍ଥାତ୍ ମନୁଷ୍ୟ ଯଦି ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ଦିଏ ତେବେ ଅଲ୍ଲାଃତାଲା ମଧ୍ୟ ଦୟା, କୃପା, କରୁଣା ଏବଂ କ୍ଷମାର ଶୀର୍ଷ ସ୍ତର ଦ୍ୱାରା ତା' ଉପରେ ନିଜର କୃପାବତୀର୍ଣ୍ଣ କରି ଥାଆନ୍ତି । କିନ୍ତୁ ବ୍ୟକ୍ତି ଯଦି ଈଶ୍ୱରଙ୍କ ଠାରୁ ମୁହଁ ମୋଡ଼ି ଏବଂ ଅନାସକ୍ତ ହୋଇ ବସିପଡ଼େ ତେବେ ଈଶ୍ୱର କିଛି ଭୃକ୍ଷେପ କରନ୍ତି ନାହିଁ ।"

**(ମଲ୍‌ଫୁଜାତ୍, ଭାଗ-10,ପୃ-336-339, ସଂସ୍କରଣ ବର୍ଷ-1984ମସିହା)**

ଇସ୍ତିଗଫାରର ବାସ୍ତବତା ସଂପର୍କରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ଏହା ଜାଣି ରଖିବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କର ପବିତ୍ର କୁରଆନ୍ କରୀମ୍‌ରେ ଦୁଇଟି ନାମ ଉପସ୍ଥାପିତ କରିଛି । 1- اَلْحَيُّ ଓ 2-اَلْقَيُّوْمُ 'ଅଲ୍ ହୟ୍ୟୁ'ର ଅର୍ଥ ସ୍ୱୟଂ ଜୀବିତ ଓ ଅନ୍ୟମାନଙ୍କୁ ଜୀବନ ପ୍ରଦାନକାରୀ । 'ଅଲ୍ କୟ୍ୟୁମୁ'ର ଅର୍ଥ ସ୍ୱୟଂ ଚିରଞ୍ଜିବ ଏବଂ ଅନ୍ୟମାନଙ୍କୁ ସ୍ଥାୟୀତ୍ୱ ପ୍ରଦାନ କରିବାର ମୂଳ କାରକ । ପ୍ରତ୍ୟେକ ବସ୍ତୁର ପ୍ରକାଶ୍ୟ ଓ ଅପ୍ରକାଶ୍ୟ ଅବସ୍ଥାନ ବା ସ୍ଥାୟୀତ୍ୱତା ଏବଂ ଜୀବନ ଚକ୍ର ଉପରୋକ୍ତ ଦୁଇଟି ବୈଶିଷ୍ଟ୍ୟତା ମାଧ୍ୟମରେ ହିଁ ସମ୍ଭବପର ହୋଇପାରିଛି । ସୁତରାଂ ହୟ୍ୟୁ ଶବ୍ଦ ଏହା ଅପେକ୍ଷ କରେ ତାହାଙ୍କର (ଈଶ୍ୱରଙ୍କର) ଉପାସନା କରାଯାଉ । ଯେପରିକି ଏହାର ପରିପ୍ରକାଶକ ସୁରାଃ ଫାତିହାର اِيَّاكَ نَعْبُدُରେ ବର୍ଣ୍ଣିତ ହୋଇଛି ଏବଂ ଅଲ୍ କୟ୍ୟୁମୁ ଏହା ଅପେକ୍ଷା କରେ ଯେ, ତାହାଙ୍କ ଟାରୁ ସାହାଯ୍ୟ ଭିକ୍ଷା କରାଯାଉ । ଏହାକୁ اِيَّاكَ نَسْتَعِيْنُ ର ଶବ୍ଦ ଦ୍ୱାରା ସ୍ମରଣ କରାଯାଇଛି । ହୟ୍ୟୁର ଶବ୍ଦ ଉପାସନାକୁ ଏଇଥିପାଇଁ ଆଶା ବା ଅପେକ୍ଷା କରେ ଯେ, ସେ(ଅଲ୍ଲାଃତାଲା) ସୃଷ୍ଟି କଲେ ଏବଂ ପୁନଶ୍ଚ ଜନ୍ମ (ସୃଷ୍ଟି କରି) ଦେଇ ସେ ଛାଡ଼ିଦେଲେ ନାହିଁ । ଯେପରିକି ନିର୍ମାଣକର୍ତ୍ତା ଯେକି ବିଲଡ଼ିଂକୁ ନିର୍ମାଣ କରିଛି । ତା'ର ବିୟୋଗ ପରେ ପ୍ରାସାଦ ବା ବିଲଡ଼ିଂର କୌଣସି କ୍ଷତି ଘଟି ନଥାଏ । କିନ୍ତୁ ମନୁଷ୍ୟକୁ ପ୍ରତ୍ୟେକ ପରିସ୍ଥିତିରେ ଈଶ୍ୱରଙ୍କର ଆବଶ୍ୟକତା ପଡ଼ିଥାଏ । ଅତଏବ୍ ଏହା ଆବଶ୍ୟକ ଯେ, ଈଶ୍ୱରଙ୍କ ଠାରୁ ଶକ୍ତି ତଥା ସାମର୍ଥ୍ୟ ଲୋଡ଼ିବା ଉଚିତ୍ ଏହା ହିଁ ଇସ୍ତିଗଫାର ଅଟେ । ଇସ୍ତିଗଫାରର ପ୍ରକୃତ ବାସ୍ତବତା ଏହିକିଯେ, ଏହାକୁ (ଇସ୍ତିଗଫାର)କୁ ବ୍ୟାପକ କରି ସେହି ଲୋକମାନଙ୍କ ସକାଶେ ଧାର୍ଯ୍ୟ କରାଗଲା ଯେଉଁମାନେ ପାପ କାର୍ଯ୍ୟ କରିଥାଆନ୍ତି । ସେହିମାନଙ୍କୁ ସେମାନଙ୍କର କୁପରିଣାମରୁ ସୁରକ୍ଷିତ ରଖାଯାଇ ପାରିବ । ପାପ ଯଦିବି ନକଲା ତାହାହେଲେ ଜୀବିତ ରହିବା ନିମନ୍ତେ, ଅଲ୍ଲାଃତାଲାଙ୍କ ଆଶ୍ରୟତ୍ୱରେ ରହିବା ନିମନ୍ତେ ମଧ୍ୟ ଇସ୍ତିଗଫାର ଏକାନ୍ତ ଆବଶ୍ୟକ ଅଟେ । କିନ୍ତୁ ବାସ୍ତବତା ଏହିକିଯେ, ମାନବିକ ଦୁର୍ବଳତାରୁ ବର୍ତ୍ତିବା ଉଚିତ୍ । ସୁତରାଂ ଯେଉଁ ବ୍ୟକ୍ତି ମନୁଷ୍ୟ ହୋଇ ଇସ୍ତିଗଫାରର ଆବଶ୍ୟକତା ଏବଂ ଇସ୍ତିଗଫାରର ଉପାଦେୟତାକୁ ବୁଝିଲା ନାହିଁ ତେବେ ସେହି ବ୍ୟକ୍ତି ଅଶିଷ୍ଟ, ଅସଭ୍ୟ, (ଅହଂକାରୀ, ଘୃଷ୍ଟ) ଓ ନାସ୍ତିକବାଦୀ ଅଟେ ।

**(ମଲ୍‌ଫୁଜାତ୍, ଭାଗ-3, ପୃ-217, ସଂସ୍କରଣ ବର୍ଷ 1984 ମସିହା)**

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଇସ୍ତିଗଫାରର ବାସ୍ତବତାକୁ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ପାପ ଏପରି ଏକ କୀଟ ଯାହାକି ମନୁଷ୍ୟର ରକ୍ତବାହିକାରେ ପ୍ରବିଷ୍ଟ ହୋଇ ରହିଛି । କିନ୍ତୁ ଏହାର ଉପଚାର ଇସ୍ତିଗଫାର ମାଧ୍ୟମରେ ହିଁ ସମ୍ଭବପର ହୋଇପାରିବ । ଇସ୍ତିଗଫାରର ଅର୍ଥ କ'ଣ ? ଇସ୍ତିଗଫାରର ଅର୍ଥ ଏହା ଯେ, ଯେଉଁ ପାପ ସମ୍ପାଦିତ ହୋଇସାରିଛି ତାହାର କୁପରିଣାମରୁ ଅଲ୍ଲାଃତାଲା ସୁରକ୍ଷିତ ରଖନ୍ତୁ ଏବଂ ଯାହା ସମ୍ପାଦିତ ହୋଇ ନାହିଁ, ଯାହା ଶକ୍ତି ଆକାରରେ ମନୁଷ୍ୟ ମଧ୍ୟରେ ବିଦ୍ୟମାନ ରହିଛି ତାହାର ସମ୍ପାଦନ ନିମନ୍ତେ ସମୟ ନଆସୁ ଓ ତାହା ଭିତରେ ହିଁ ଦଗ୍ଧୀଭୂତ ତଥା ଭସ୍ମୀଭୂତ ହୋଇ ପାଉଁଶ ହୋଇଯାଉ ।"

"ଉକ୍ତ ସମୟଟି ଅତ୍ୟନ୍ତ ଭୟପୂର୍ଣ୍ଣ ସମୟ ଅଟେ । ତେଣୁ ତୁମେମାନେ ତୌବା ଓ ଇସ୍ତିଗଫାରରେ ନିମଜ୍ଜିତ ରୁହ । ଆମେମାନେ ସାଂପ୍ରତିକ ଯେଉଁ ଯୁଗ ଦେଇ ଗତି କରୁଛେ ତାହା ଅତ୍ୟନ୍ତ ଭୟପ୍ରଦ ଯୁଗ ଅଟେ । ତେଣୁ ତୁମେମାନେ ତୌବା ଓ ଇସ୍ତିଗଫାରରେ ନିମଜ୍ଜିତ ରୁହ ଏବଂ ନିଜ ଆତ୍ମାର ଅଧ୍ୟୟନ କରୁଥାଅ । ପ୍ରତ୍ୟେକ ଧର୍ମର ଧର୍ମାବଲମ୍ବୀମାନେ ଏବଂ ଗ୍ରନ୍ଥଧାରୀମାନେ ଏକଥା ସ୍ୱୀକାର କରନ୍ତି ଯେ, ଦାନ ଦକ୍ଷିଣା କରିବା ଦ୍ୱାରା ପ୍ରଭୁଙ୍କର ଅବତୀର୍ଣ୍ଣ ହେବାକୁ ଥିବା ଶାସ୍ତି ଅପସାରିତ ହୋଇଯାଇଥାଏ । କିନ୍ତୁ ଶାସ୍ତି ଅବତୀର୍ଣ୍ଣ ହେବା ପୂର୍ବରୁ ଯଦି ଦାନ ଧର୍ମ କରାଯାଏ । କିନ୍ତୁ ଯେତେବେଳେ ଶାସ୍ତି ଅବତୀର୍ଣ୍ଣ ହୋଇଯାଇଥାଏ ସେତେବେଳେ ତାହା କଦାପି ଅପସାରଣ ହୋଇ ନଥାଏ । ସୁତରାଂ ତୁମେମାନେ ଏବେ ଠାରୁ ହିଁ ଇସ୍ତିଗଫାର କର ଏବଂ ତୌବାରେ ଲାଗିପଡ଼ । କାରଣ ତୁମର ପାଳି ଯେପରି ନ ଆସୁ ଓ ଅଲ୍ଲାଃତାଲା ତୁମର ରକ୍ଷା କରନ୍ତୁ । ଆମିନ୍ ।" **(ମଲ୍‌ଫୁଜାତ୍, ଭାଗ-5, ପୃ-299, ସଂସ୍କରଣ ବର୍ଷ 1984 ମସିହା)**

ହୁଜୁର ଅନୱର୍ ଅ.ବ କହିଲେ, ସୁତରାଂ ଆଜିକାଲି ସଂସାରର ପରିସ୍ଥିତିକୁ ମଧ୍ୟ ସମ୍ମୁଖରେ ରଖି ଆମମାନଙ୍କୁ ବହୁତ ଇସ୍ତିଗଫାର କରିବା ଉଚିତ୍ । ଯେପରିକି ମୁଁ ପୂର୍ବେ ମଧ୍ୟ କହିଲି କି ଅଲ୍ଲାଃତାଲା ପ୍ରତ୍ୟେକ ପ୍ରକାରର ଉପଦ୍ରବ, ହିଂସା ତଥା ବିପତ୍ତିରୁ ସୁରକ୍ଷିତ ରଖନ୍ତୁ । **ଆମିନ୍** ।

ତୌବାର ବାସ୍ତବତା ସଂପର୍କରେ ଅତିରିକ୍ତ ବ୍ୟାଖ୍ୟା କରି ଆପଣ ଅ.ସ ଏକ ସ୍ଥାନରେ କୁହନ୍ତି: "ତୌବା ଓ ଇସ୍ତିଗଫାରକୁ ଅସ୍ୱୀକାର କରିବାର ପ୍ରକୃତ ଅର୍ଥ ମାନବିକ ଉନ୍ନତିର ଦ୍ୱାରକୁ ବନ୍ଦି କରିଦେବା ଅଟେ । ତୌବାର ବାସ୍ତବାତାକୁ ପ୍ରତ୍ୟାଖ୍ୟାନକାରୀ ବ୍ୟକ୍ତି ଉନ୍ନତିର ଦ୍ୱାରକୁ ବନ୍ଦ କରିଦେଇଥାଏ । କାରଣ ଉକ୍ତ କଥା ତ' ପ୍ରତ୍ୟେକ ବ୍ୟକ୍ତି ନିକଟରେ ସ୍ପଷ୍ଟ ଏବଂ ଜାଜ୍ୱଲ୍ୟମାନ ଯେ, ମନୁଷ୍ୟ ନିଜ ଅସ୍ତିତ୍ୱରେ ସ୍ୱୟଂ ସଂପୂର୍ଣ୍ଣ ନୁହେଁ । ବରଂ ପୂର୍ଣ୍ଣତ୍ୱର ଅଭିଳାଷୀ ବା ପୂର୍ଣ୍ଣତ୍ୱ ଉପରେ ନିର୍ଭର କରିଥାଏ । ଯେପରିକି ସେ ନିଜର ପ୍ରକାଶ୍ୟ ଅବସ୍ଥାରେ ସୃଷ୍ଟି ହୋଇ କ୍ରମଶଃ ନିଜର ଜ୍ଞାନକୁ ବ୍ୟାପକ କରିଥାଏ । ସେ ତତ୍‌କ୍ଷଣାତ୍ ବିଦ୍ୱାନ ହୋଇ ଜନ୍ମ ଗ୍ରହଣ କରି ନଥାଏ । ଠିକ୍ ସେହିପରି ସେ ଜନ୍ମ ନେଇ ଯେତେବେଳେ ହିତାହିତ ଜ୍ଞାନ ପ୍ରାପ୍ତ କରେ ସେତେବେଳେ ତା'ର ଚାରିତ୍ରିକ ଅବସ୍ଥା ଅତ୍ୟନ୍ତ ନିକୃଷ୍ଟ ଓ ପତିତ ହୋଇଥାଏ । ସୁତରାଂ ଯେତେବେଳେ କୌଣସି ନବଜାତ ଶିଶୁର ଅବସ୍ଥା ଉପରେ ଦୃଷ୍ଟିପାତ ଏବଂ ବିଚାର କର ସେତେବେଳେ ସ୍ପଷ୍ଟ ରୂପେ ବ୍ୟକ୍ତିକୁ ଜ୍ଞାତ ହେବ ଯେ, ଅନେକ ପିଲାମାନେ ଏହି କଥା ଉପରେ ଈର୍ଷା କରିଥାଆନ୍ତି ଯେ, ସାମାନ୍ୟ ବଚସା ସମୟରେ ସେମାନେ ଅନ୍ୟ ପିଲାକୁ ମାଡ଼ ମାରନ୍ତି । ପିଲାମାନଙ୍କ ମଧ୍ୟରେ କଳହ ହୋଇଥାଏ । ଅନେକ ସମୟରେ କଥା କଥାକେ ମିଥ୍ୟା କହିବା ଏବଂ ଅନ୍ୟ ପିଲାମାନଙ୍କୁ ଗାଳି ଦେବାର ଅଭ୍ୟାସ ପ୍ରକଟିତ ହୋଇଥାଏ । କେତେକ ପିଲାମାନଙ୍କୁ ଚୋରି କରିବା ଏବଂ ଚୁଗୁଲି କରିବା, ଈର୍ଷା କରିବା ଏବଂ କୃପଣତା ପ୍ରଦର୍ଶନ କରିବା ମଧ୍ୟ ଅଭ୍ୟାସ ହୋଇଥାଏ । ଏହାପରେ ଯୌବନାବସ୍ଥାର ଉତ୍ସାହ ଯେତେବେଳେ ଉନ୍ମାଦିତ ହୋଇଥାଏ ସେତେବେଳେ ପ୍ରବର୍ତ୍ତାଉଥିବା ମନ ସେମାନଙ୍କ ଉପେରେ ସବାର (ଆରୋହଣ) ହୋଇଯାଇଥାଏ । ଏପରି ଅନେକ ଅଯୋଗ୍ୟ, ଜଘନ୍ୟ ଅକଥନୀୟ କାର୍ଯ୍ୟ ସେମାନଙ୍କ ଦ୍ୱାରା ସମ୍ପାଦିତ ହୋଇଯାଥାଏ ଯାହାକି ସ୍ପଷ୍ଟ ରୂପେ ପାପ ଓ ବ୍ୟଭିଚାରରେ ପ୍ରବିଷ୍ଟ ଓ ଅନ୍ତର୍ଭୁକ୍ତ ହୋଇଥାଆନ୍ତି । ସାରାଂଶ ଏହିକିଯେ, ଅନେକ ମନୁଷ୍ୟମାନଙ୍କ ନିମନ୍ତେ ପ୍ରଥମ ପାହାଚ (ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ) କଳୁଷିତ ଜୀବନ ଅଟେ । ପରିବେଶ ହିଁ ସମାଜକୁ ପ୍ରଦୂଷିତ କରିଦେଇଥାଏ । ଯେତେବେଳେ ପୁଣ୍ୟବାନ ବ୍ୟକ୍ତି ପ୍ରାରମ୍ଭିକ ଜୀବନରେ ତୀବ୍ର ବଢି ବା ତୀବ୍ର ଧାରାରୁ ବାହାରକୁ ବାହାରି ଆସିଥାଏ ସେତେବେଳେ ସେହି ବ୍ୟକ୍ତି ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ଦେଇଥାଏ। ପୁଣ୍ୟବାନ ବ୍ୟକ୍ତି ଯେତେବେଳେ ଏହା ଅବଲୋକନ କରେ ଯେ, ଏହି ଅପବିତ୍ରତା ସଂସାରରେ କିପରି ପରିବ୍ୟାପ୍ତ ହୋଇଛି ସେତେବେଳେ ତା'ର ଧ୍ୟାନ ଈଶ୍ୱରଙ୍କ ଆଡ଼କୁ ହୋଇଥାଏ ଓ ଧ୍ୟାନ ଦେବାର ପରିଣାମ କ'ଣ ହୋଇଥାଏ ? ପ୍ରକୃତ ତୌବା (ପ୍ରାୟଶ୍ଚିତ ବା କ୍ଷମାଯାଚନା) କରି ଅକରଣୀୟ କଥାରୁ ପୃଥକ୍ ହୋଇଯାଇଥାଏ । ପୁନଶ୍ଚ ସେ ତୌବା କରିଥାଏ ଏବଂ ନିଜର ସ୍ୱଭାବଗତ ବସ୍ତ୍ରକୁ ପବିତ୍ର କରିବା ପ୍ରତି ଚିନ୍ତିତ ହୋଇଥାଏ । ଏଗୁଡ଼ିକ ସାଧାରଣତଃ ମାନବିକ ଜୀବନର ଜୀବନୀ ଅଟନ୍ତି ଯାହାକି ମାନବ ଜାତିକୁ ନିଷ୍ପତ୍ତି ନେବାକୁ ପଡ଼ିଥାଏ । ସୁତରାଂ ତହିଁରୁ ଏହା ପ୍ରକାଶ୍ୟ ଯେ, ଯଦି ଏହି କଥାର ସତ୍ୟ ଯେ, ତୌବା ସ୍ୱୀକୃତ ହୋଇ ନଥାଏ ତେବେ ସ୍ପଷ୍ଟ ରୂପେ ଏହା ପ୍ରମାଣିତ ଯେ, ଈଶ୍ୱରଙ୍କର ଇଚ୍ଛା ହିଁ ନାହିଁ ବା ଈଶ୍ୱର ଏହା ଚାହାନ୍ତି ନାହିଁ ସେ କୌଣସି ବ୍ୟକ୍ତିକୁ ମୋକ୍ଷ ପ୍ରଦାନ କରିବେ ।"

**(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-192-193)**

ଏକ ଅବସରରେ ହ. ମସିହ୍ ମୁଦ ଅ.ସଙ୍କ ସଭା ବସିଥିଲା କେତେକ ଲୋକମାନେ ହ. ମସିହ୍ ମଉଦ୍ ଅ.ସଙ୍କ ନିକଟକୁ ଆସିଥିଲେ, ସେମାନେ ଆପଣ ଅ.ସଙ୍କ ହସ୍ତରେ ବୈଅତ୍ କରିଥିଲେ । ଆପଣ ଅ.ସ ସେମାନଙ୍କୁ ଉପଦେଶ ଦେଇ କହିଲେ, ଅଲ୍ଲାଃତାଲାଙ୍କର ଏହି ଅଭିଳାଷା ରହିଛି ଯେ, ମନୁଷ୍ୟ ପ୍ରକୃତ ତୌବା କରୁ ଓ ଦୁଆ କରୁ କି ତା' ଦ୍ୱାରା କୌଣସି ପାପ ସମ୍ପାଦିତ ନହେଉ । ବ୍ୟକ୍ତି ନା ଶେଷ ଦିବସରେ ତିରସ୍କୃତ ହେବ ଓ ନା ହିଁ ସଂସାରରେ ସେ ତିରସ୍କୃତ ହେବ । ତୌବା ଏପରି ହେବା ଉଚିତ୍ ଯେ, ବ୍ୟକ୍ତି ନା ଇହାକାଳରେ ତିରସ୍କୃତ ହେବ ଓ ନା ହିଁ ମୃତ୍ୟୁ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ପରେ ତିରସ୍କୃତ ହେବ । ଯେପର୍ଯ୍ୟନ୍ତ ମନୁଷ୍ୟ ବୁଝି ବିଚାରି କଥା କହି ନାହିଁ ଏବଂ ବିନୀତତା ବ୍ୟକ୍ତି ମଧ୍ୟରେ ବିଦ୍ୟମାନ ନାହିଁ ସେପର୍ଯ୍ୟନ୍ତ ତା'ର କଥା, ତା'ର ପ୍ରାର୍ଥନା ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚି ନଥାଏ ।

"ସାଧୁମାନେ ଉଲ୍ଲେଖ କରିଛନ୍ତି ଯେ, ଯଦି ଚାଳିଶ ଦିନ ବିତିଯାଏ ଏବଂ ଈଶ୍ୱରଙ୍କ ମାର୍ଗରେ ରୋଦନ ନ ଲାଗେ ତେବେ ହୃଦୟ ପଥର ପାଲଟି ଯାଇଥାଏ। ହୃଦୟ କଠୋର ହେବାର ପ୍ରତିକାର ଏହିକି ଯେ, ମନୁଷ୍ୟକୁ କାନ୍ଦିବା ଉଚିତ୍ । ଏଥି ନିମନ୍ତେ କେତେକ କଥା ଆହ୍ୱାନକାରୀ ହୋଇଥାଆନ୍ତି । ଅର୍ଥାତ୍ ମନୁଷ୍ୟ ଦୃଷ୍ଟି ପକାଇ ଦେଖୁ ଯେ, ସେ କ'ଣଟା ପ୍ରସ୍ତୁତ ବା ତିଆରି କରିଛି ଏବଂ ତା' ବୟସର କ'ଣ ଅବସ୍ଥା ହୋଇଛି ? ଅନ୍ୟ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉପରେ ଦୃଷ୍ଟିପାତ କରୁ । ଅତିକ୍ରାନ୍ତ ହୋଇଥିବା ପରିସ୍ଥିତି ରହିଛି ତହିଁରେ ମଧ୍ୟ ଅନେକ କଷ୍ଟଦାୟକ ପରିସ୍ଥିତି ମଧ୍ୟ ରହିଛି । ତାହା ଉପରେ ମଧ୍ୟ ଦୃଷ୍ଟିପାତ କରୁ । କହିବାର ତାତ୍ପର୍ଯ୍ୟ ଅତିବାହିତ ହୋଇଥିବା ପରିସ୍ଥିତିରେ ମଧ୍ୟ ଅନେକ ଯନ୍ତ୍ରଣାଦାୟକ ପରିସ୍ଥିତି ମଧ୍ୟ ରହିଛି ତାହା ଉପରେ ମଧ୍ୟ ଦୃଷ୍ଟିପାତ କରୁ । ଏହାକୁ ଦେଖିବା ପରେ ମନୁଷ୍ୟର ହୃଦୟ ସିହରି ଉଠି ଭୟଭୀତ ହୋଇଥାଏ । ଯେଉଁ ବ୍ୟକ୍ତି ଦାବିପୂର୍ବକ କହିଥାଏ ଯେ, ମୁଁ ପାପରୁ ବର୍ତ୍ତିଯାଉଛି ତେବେ ସେପରି ବ୍ୟକ୍ତି ମିଥ୍ୟାବାଦୀ ଅଟେ । ଯେଉଁଠି ଶିରା (ଶର୍କରା/ଚିନି) ହୋଇଥାଏ ସେଠାରେ ପିମ୍ପୁଡ଼ିମାନେ ମଧ୍ୟ ଥାଆନ୍ତି ଏବଂ ସେଠାକୁ ପିମ୍ପୁଡ଼ିମାନେ ଅବଶ୍ୟ ଆସନ୍ତି। ସେହିପରି ଆତ୍ମାର ଅଭିଳାଷା ତ' ସର୍ବଦା ସାଥିରେ ଲାଗି ରହିଛି ତହିଁରୁ କିପିର ବା ନିସ୍ତାର ଏବଂ ମୁକ୍ତି ମିଳି ପାରିବ ? ଯେପର୍ଯ୍ୟନ୍ତ ପ୍ରଭୁଙ୍କ କୃପା ଏବଂ ଦୟାର ହସ୍ତ (ଅଶୀର୍ବାଦ) ମନୁଷ୍ୟ ଉପରେ ହୋଇ ନାହିଁ ସେପର୍ଯ୍ୟନ୍ତ ମନୁଷ୍ୟ ପାପରୁ ବର୍ତ୍ତିପାରିବ ନାହିଁ । ନା ଅବତାର, ନା ହିଁ ସନ୍ଥ ଓ ନା ହିଁ ସେହି ବ୍ୟକ୍ତିମାନଙ୍କ ସକାଶେ ଏହି ଗୌରବଜନକ ମର୍ଯ୍ୟାଦା ରହିଛି ଏବଂ ସେମାନେ ଏହା କହିପାରିବେ ଯେ, ଆମ ଦ୍ୱାରା ପା କାର୍ଯ୍ୟ ସମ୍ପାଦିତ ହୁଏ ନାହିଁ। ବରଂ ସେମାନେ ସର୍ବଦା ଈଶ୍ୱରଙ୍କ ଠାରୁ ତାହାଙ୍କର କୃପା ଭିକ୍ଷା କରୁଥିଲେ । ଅବତାରମାନଙ୍କର ଇସ୍ତିଗଫାରର ଅର୍ଥ ଏହା ହିଁ ହୋଇଥାଏ ଯେ, ଅଲ୍ଲାଃତାଲାଙ୍କର କୃପା (ଆଶୀର୍ବାଦ)ର ହସ୍ତ ସେମାନଙ୍କ ଉପରେ ରହିଛି । ଅନ୍ୟଥା ମନୁଷ୍ୟ ଯଦି ନିଜର ଉପରେ ଉପରୋକ୍ତ ପ୍ରସଙ୍ଗକୁ ଛାଡ଼ିଦିଏ ତେବେ ସେ କଦାପି ନିର୍ଦ୍ଦୋଷ ଓ ସୁରକ୍ଷିତ ହୋଇପାରିବ ନାହିଁ । اَللّٰهُمَّ بَاعِدْ بَيْنِيْ وَ بَيْنَ خَطَايَايَ ଏବଂ ଅନ୍ୟାନ୍ୟ ଦୁଆଗୁଡ଼ିକ ମଧ୍ୟ ରହିଛି ଯାହାକି ଇସ୍ତିଗଫାରର ଅର୍ଥକୁ ସୂଚାଇଥାଏ । ଭାକ୍ତିକତାର ରହସ୍ୟ ଏହିକିଯେ, ମନୁଷ୍ୟ ଈଶ୍ୱରଙ୍କ ଆଶ୍ରୟ ତଳେ ନିଜକୁ ନେଇ ଆସୁ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଆଶ୍ରୟ ଲୋଡ଼େ ନାହିଁ ସେ ଅହଂକାରୀ ଏବଂ ଗର୍ବୀ ବ୍ୟକ୍ତି ଅଟେ ।"

**(ମଲ୍‌ଫୁଜାତ୍, ଭାଗ-6, ପୃ-21, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସଙ୍କୁ କୌଣସି ଏକ ବ୍ୟକ୍ତି ପଚାରିଲା ଯେ, ହୁଜୁର ! ଉପାସନାରେ ଅଭିରୁଚି ଏବଂ ସ୍ପୃହା କିପରି ସୃଷ୍ଟି ହୋଇଥାଏ ? ଏବେ ବି ଲୋକମାନେ ତତ୍‌ସଂକ୍ରାନ୍ତରେ ଅନେକ ପ୍ରଶ୍ନ କରିଥାଆନ୍ତି । ହୁଜୁର ଅ.ସ କୁହନ୍ତି: "ସତ୍‌କର୍ମ ଏବଂ ଉପାସନାରେ ଅଭିରୁଚି ଏବଂ ସ୍ପୃହା ନିଜ ତରଫରୁ ହୋଇପାରିବ ନାହିଁ । ଏହା ଅଲ୍ଲାଃତାଲାଙ୍କ କୃପା ଓ ତାହାଙ୍କ ସାମର୍ଥ୍ୟ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଥାଏ । ଏଥି ନିମନ୍ତେ ଏହା ଆବଶ୍ୟକ ଯେ, ମନୁଷ୍ୟ ଅଧୀର ନହେଉ ଓ ଅଲ୍ଲାଃତାଲାଙ୍କ ଠାରୁ ଏଥି ନିମନ୍ତେ ସାମର୍ଥ୍ୟ ଓ କୃପା ସକାଶେ ଦୁଆ କରୁଥାଉ । ଉପସନାରେ ଅଭିରୁଚି ତଥା ଆଗ୍ରହ ସୃଷ୍ଟି ହେବା ନିମନ୍ତେ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରୁ । ପ୍ରାର୍ଥନାରେ ସେ କେବେ ବି ଥକି ନପଡୁ । ଯେତେବେଳେ ମନୁଷ୍ୟ ଏହିପରି ଭାବରେ ନିୟମିତ ସ୍ୱଭାବ ହୋଇ ଦୁଆରେ ବ୍ୟସ୍ତ ରହିଥାଏ ସେତେବେଳେ ପରିଶେଷରେ ଅଲ୍ଲାଃତାଲା ନିଜର କୃପା ଦ୍ୱାରା ସେହି ପ୍ରସଙ୍ଗ ସୃଷ୍ଟି କରିଦେଇ ଥାଆନ୍ତି ଯେଉଁଥି ପାଇଁ ତା' ମନରେ ଏକ ଉଦ୍‌ବିଗ୍ନତା ଏବଂ ବ୍ୟାକୁଳତା ରହିଥାଏ । ଉପାସନାରେ ଯଦି ଅଭିରୁଚି, ସ୍ପୃହା ଓ ବ୍ୟାକୁଳତା ରହିଛି ତେବେ ନିୟମିତ ସ୍ୱଭାବ ଦ୍ୱାରା ଦୁଆରେ (ପ୍ରାର୍ଥନାରେ) ଲାଗିଥାଅ । ଫଳତଃ ସେହି ଅବସ୍ଥା ସୃଷ୍ଟି ହୋଇଯାଇଥାଏ। ଅର୍ଥାତ ଉପାସନା ନିମନ୍ତେ ଏକ ଅଭିରୁଚି ଏବଂ ସ୍ପୃହା, ମିଷ୍ଟତା ସୃଷ୍ଟି ହେବାକୁ ଲାଗିଥାଏ। କିନ୍ତୁ ଯଦି କୌଣସି ବ୍ୟକ୍ତି ସଂଗ୍ରାମ ଏବଂ ଉଦ୍ୟମ ନକରେ ଏବଂ ସେ ଏହା ମନେକରେ ଯେ, ସେ ଫୁଙ୍କ ମାରି କୌଣସି କାର୍ଯ୍ୟ କରିଦେବ ତେବେ ଏହା ଅଲ୍ଲାଃତାଲାଙ୍କର ନିୟମ ଏବଂ ପରମ୍ପରା ନୁହେଁ । ଏହି ପନ୍ଥା ମାଧ୍ୟମରେ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ପରୀକ୍ଷା କରିଥାଏ ସେ ଅଲ୍ଲାଃତାଲାଙ୍କୁ ଉପହାସ କରିଥାଏ । ଫଳତଃ ସେ ମୃତ୍ୟୁବରଣ କରିଥାଏ ।

ଏକଥା ଭଲ ଭାବରେ ମନେରଖ ଯେ, ହୃଦୟ ପ୍ରଭୁଙ୍କ ହସ୍ତରେ ରହିଛି । ତାହାଙ୍କ କୃପା ଯଦି ନହୁଏ ତେବେ ଅନ୍ୟ ଦିନରେ ଯାଇ ବ୍ୟକ୍ତି ଖ୍ରୀଷ୍ଟ ଧର୍ମ ଗ୍ରହଣ କରିନେବ କିମ୍ବା ଅନ୍ୟ କୌଣସି ବିଧର୍ମ କୃତ୍ୟରେ ସଂଲିପ୍ତ ହୋଇଯିବ । ଅତଏବ୍ ସର୍ବଦା ତାହାଙ୍କ କୃପା ପ୍ରାପ୍ତ କରିବା ନିମନ୍ତେ ଦୁଆ କରୁଥାଅ, ତାହାଙ୍କ ସାହାଯ୍ୟ ଭିକ୍ଷା କର । କାରଣ ସେ ତୁମକୁ ସଳଖ ମାର୍ଗରେ ପରିଚାଳିତ କରାଇ ଅବିଚଳତା ପ୍ରଦାନ କରିବେ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଠାରୁ ନିସ୍ପୃହ ହୋଇଯାଏ ସେ ସୈତାନ ହୋଇଥାଏ । ତେଣୁ ଏଥି ନିମନ୍ତେ ଏହା ଆବଶ୍ୟକ ଯେ, ମନୁଷ୍ୟ ଇସ୍ତିଗଫାର କରୁଥାଉ । କାରଣ ସେହି ବିଷ ଏବଂ ଆବେଗ ଜନିତ ଉତ୍ସାହ ମନ ଭିତରେ ସୃଷ୍ଟି ନହେଉ ଯାହା ମନୁଷ୍ୟକୁ ଧ୍ୱଂସ କରି ଦେଇଥାଏ ।"

**(ମଲ୍‌ଫୁଜାତ୍, ଭାଗ-8, ପୃ-154-155, ପ୍ରକାଶନ ବର୍ଷ 1984 ମସିହା)**

ସୁତରାଂ ଉପାସନାର (ସର୍ବୋଚ୍ଚ) ସ୍ତର ପ୍ରାପ୍ତ କରିବା ନିମନ୍ତେ ମଧ୍ୟ ଇସ୍ତିଗଫାରର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ । ପୁନଶ୍ଚ ଉକ୍ତ ପ୍ରସଙ୍ଗର ବ୍ୟାଖ୍ୟା କରି ଆପଣ ଅ.ସ କୁହନ୍ତି: "ଈଶ୍ୱରଙ୍କ କୋପ ଓ ତାହାଙ୍କ ଶାସ୍ତିରୁ ବର୍ତ୍ତିବାର ଉପାୟ କ'ଣ ? ଏଥି ପାଇଁ ତୌବା (ପ୍ରାୟଶ୍ଚିତ) ଓ ଇସ୍ତିଗଫାର (କ୍ଷମାଯାଚନା) କରିବା ଉଚିତ୍। ତୌବା ଓ ଇସ୍ତିଗଫାର ବ୍ୟତୀରେକ ମନୁଷ୍ୟ କିଛି କରିପାରିବ ନାହିଁ । ସମସ୍ତ ଅବତାରମାନେ ଏହା ହିଁ କହିଛନ୍ତି ଯେ, ଲୋକମାନେ ଯଦି ତୌବା ଓ ଇସ୍ତିଗଫାର କରିବେ ତାହାହେଲେ ପ୍ରଭୁ ସେମାନଙ୍କୁ କ୍ଷମା ପ୍ରଦାନ ଅବଶ୍ୟ କରିଦେବେ । ସୁତରାଂ ନମାଜ ପଢ ଏବଂ ଆଗାମୀ ଓ ଭବିଷ୍ୟତର ପାପରୁ ବର୍ତ୍ତିବା ନିମନ୍ତେ ଈଶ୍ୱରଙ୍କ ନିକଟରେ ସାହାଯ୍ୟ ଭିକ୍ଷା କର । ସେହି ପୂର୍ବ ପାପ ନିମନ୍ତେ ପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥୀ ହୁଅ ଏବଂ ବାରମ୍ବାର ଇସ୍ତିଗଫାର କର । କାରଣ ପାପ କରିବାର ଯେଉଁ ଶକ୍ତି ମନୁଷ୍ୟର ସ୍ୱଭାବ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଛି ତାହା ପ୍ରକଟିତ ନହେଉ। ମନୁଷ୍ୟର ସ୍ୱଭାବରେ ଦୁଇ ପ୍ରକାରର ଶକ୍ତି ଦେଖିବାକୁ ମିଳିଥାଏ । **1-** ପୁଣ୍ୟାର୍ଜନ ଏବଂ ପୁଣ୍ୟ କର୍ମ କରିବାର ଶକ୍ତି, **2-** କୁକର୍ମ କରିବା ପ୍ରତି ପ୍ରବୃତ୍ତି ତଥା ଶକ୍ତି ଏବଂ ଏପରି ଶକ୍ତିକୁ ଆୟତ୍ତ କରି ରଖିବା ଈଶ୍ୱରଙ୍କର କାର୍ଯ୍ୟ ଅଟେ । ଉକ୍ତ ଶକ୍ତିଟି ମନୁଷ୍ୟ ମଧ୍ୟରେ ଏହିପରି ଭାବରେ ବିଦ୍ୟମାନ ହୋଇ ରହିଛି ଯେପରିକି ପଥର ମଧ୍ୟରେ ଅଗ୍ନି ସ୍ଫୁଲିଙ୍ଗ କରିବାର ଶକ୍ତି ନିହିତ ଥାଏ ।"

**(ମଲ୍‌ଫୁଜାତ୍, ଭାଗ-9, ପୃ-372, ସଂସ୍କରଣ ବର୍ଷ-1984 ମସିହା)**

ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଏକ ଆୟତ୍ ଉପସ୍ଥାପିତ କରି କୁହନ୍ତି: " وَاَنِ اسْتَغْفِرُوْا رَبَّكُمْ ثُمَّ تُوْبُوْٓا اِلَيْهِ **(ହୁଦ୍: 4)** ଏବଂ ତୁମ୍ଭେମାନେ ନିଜ ପାଳନକର୍ତ୍ତାଙ୍କ ଠାରେ କ୍ଷମା ଭିକ୍ଷା କର ଓ ତାହାଙ୍କ ପ୍ରତି ମନଯୋଗ ହୁଅ । ମନେରଖ ! ଦୁଇଟି ପ୍ରସଙ୍ଗ ଉକ୍ତ ସଂପ୍ରଦାୟକୁ ପ୍ରଦାନ କରାଯାଇଛି । **ପ୍ରଥମତଃ-** ଶକ୍ତି ପ୍ରାପ୍ତ କରିବା ନିମନ୍ତେ ଇସ୍ତିଗଫରା କର । **ଦ୍ୱିତୀୟତଃ-** ପ୍ରାପ୍ତ ଶକ୍ତିକୁ ବ୍ୟବହାରିକ ରୂପେ ସମ୍ପାଦନ କରିବା ନିମନ୍ତେ ତୌବା (ମନଯୋଗ)ପୂର୍ବକ ତାହାଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କର। ଶକ୍ତି ପ୍ରାପ୍ତ କରିବାକୁ ହେଲେ ଇସ୍ତିଗଫାର କରିବା ଉଚିତ୍ । ଏହାକୁ ଅନ୍ୟ ଅର୍ଥରେ ଇସ୍ତିମ୍‌ଦାଦ (ସାହାଯ୍ୟ ଲୋଡ଼ିବା) ଓ ଇସ୍ତିଆନତ୍ (ସାହାଯ୍ୟ ଭିକ୍ଷା କରିବା) ମଧ୍ୟ କୁହାଯାଏ । ସନ୍ଥମାନେ ଉଲ୍ଲେଖ କରିଛନ୍ତି ଯେ, ଯେପରି ମୁଦ୍‌ଗର, ଭାରୋତ୍ତଳନକାରୀମାନେ ଭାର ଉତ୍ତୋଳନ କରିବା ଦ୍ୱାରା ସେମାନଙ୍କ ଶରୀରେ ଶକ୍ତି ବୃଦ୍ଧି ପାଇଥାଏ । ଠିକ୍ ସେହିପରି ଆଧ୍ୟାତ୍ମିକ ମୁଦ୍‌ଗର ଓ ଭାରୋତ୍ତଳନକାରୀ ଇସ୍ତିଗଫାର ଅଟେ । ତତ୍‌ସହିତ ଆତ୍ମାକୁ ଏକ ଶକ୍ତି ପ୍ରାପ୍ତ ହୋଇଥାଏ ଏବଂ ମନରେ ଅବିଚଳତା ସୃଷ୍ଟି ହୋଇଥାଏ । ଯେଉଁ ବ୍ୟକ୍ତି ଶକ୍ତି ପ୍ରାପ୍ତ କରିବା ପାଇଁ ଇଚ୍ଛୁକ ଓ ଅଭିଳାଷୀ ସେ ଇସ୍ତିଗଫାର କରୁ ।"

**(ମଲ୍‌ଫୁଜାତ୍, ଭାଗ-2, ପୃ-67-68, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ଅଲ୍ଲାଃତାଲାଙ୍କ କୃପା ଓ ଦୟାର ଦ୍ୱାରା କେବେ ବି ବନ୍ଦ ହୁଏ ନାହିଁ । ମନୁଷ୍ୟ ଯଦି ସତ୍ୟନିଷ୍ଠ ହୋଇ ପ୍ରଭୁଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ (ମନଯୋଗ) କରେ ତେବେ ସେ ଅର୍ଥାତ୍ ଅଲ୍ଲାଃତାଲା ଅଶେଷ ଦୟାବାନ ଓ ସଦାୟ କୁରଣାମୟ ଅଟନ୍ତି ସେ ତୌବା (ଭକ୍ତର ପ୍ରାୟଶ୍ଚିତ)କୁ ଅବଶ୍ୟ ସ୍ୱୀକାର କରି ନେଇଥାଆନ୍ତି । ଏହା ମନେକରିବା ଯେ, କେଉଁ କେଉଁ ପାପକୁ ପ୍ରଭୁ କ୍ଷମା ପ୍ରଦାନ କରିବେ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଘୃଷ୍ଟତା, ଅଶିଷ୍ଟତା ଓ ଦୁଃସାହସିକତା ଅଟେ। ତାହାଙ୍କ ଦୟାର ନିଧି ବ୍ୟାପକ ଓ ଅସୀମ ଅଟେ । ତାହାଙ୍କ ନିକଟରେ କୌଣସି ବସ୍ତୁର ଅଭାବ ନାହିଁ । ତାହାଙ୍କ ଦ୍ୱାରା କୌଣସି ବ୍ୟକ୍ତି ନିମନ୍ତେ ବନ୍ଦ ହୋଇ ନଥାଏ । ଇଂରେଜମାନଙ୍କର ଚାକିରୀ ପରି ଯେ, ଏତିକି ଶିକ୍ଷା ପ୍ରାପ୍ତ କରିଥିବା ବ୍ୟକ୍ତିକୁ କେଉଁଠି ଚାକିରୀ ମିଳିବ ? ଅଲ୍ଲାଃତାଲାଙ୍କ ସମୀପରେ ଯେତେବେଳେ ପହଞ୍ଚିବା ସେତିକି ଉଚ୍ଚ ସ୍ତର ପ୍ରାପ୍ତ କରିବା । ଏହା ନିଃସନ୍ଦେହାତ୍ମକ ଅଙ୍ଗୀକାର ଅଟେ। ହତଭାଗ୍ୟ ଓ ମୂର୍ଖ


ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)



କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହେଉଛି ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ଠାରୁ ନିରୁତ୍ସାହିତ ଏବଂ ନିରାଶ ହୋଇଯାଏ ଏବଂ ତା'ର ଅନ୍ତିମ ସମୟ ଅବଚେତନ ଅବସ୍ଥାରେ ତା' ଉପରେ ଆସିଯାଏ । ନିଃସନ୍ଦେହ ରୂପେ ସେତେବେଳେ ପ୍ରଭୁଙ୍କ ଦ୍ୱାର ବନ୍ଦ ହୋଇଯାଇଥାଏ । ଅର୍ଥାତ୍ ମୃତ୍ୟୁର ସମୟ ଯେତେବେଳେ ପାଖେଇ ଆସିଗଲା ସେତେବେଳେ ଇସ୍ତିଗଫାର କରିବା କିଛି ଲାଭ ଦେଇ ନଥାଏ । "

**(ମଲ୍‌ଫୁଜାତ୍, ଭାଗ-2, ପୃ-67-68, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: ଏକଥା ସ୍ପଷ୍ଟ ହେଉ ଯେ, ଆରବୀ ଭାଷାର ଅଭିଧାନରେ ତୌବା କହିଲେ ପୂର୍ଣ୍ଣ ମନଯୋଗପୂର୍ବକ ପ୍ରଭୁଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ବୁଝାଏ । ଅତଃ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲାଙ୍କର ନାମ ତୱାବ୍ ଅର୍ଥାତ ସବୁଠୁ ବେଶୀ ତୌବା ସ୍ୱୀକୃତକାରୀ ପ୍ରଭୁ ଅଟେ । ଅର୍ଥାତ୍ ମନୁଷ୍ୟ ଯେତେବେଳେ ପାପରୁ ମୁକ୍ତ ହୋଇ ସତ୍ୟନିଷ୍ଠ ହୃଦୟର ସହିତ ଅଲ୍ଲାଃତାଲାଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରେ ସେତେବେଳେ ଅଲ୍ଲାଃତାଲା ଏହାଠୁ ଅଧିକ ତା' ଆଡ଼କୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି । ଉକ୍ତ ପ୍ରସଙ୍ଗଟି ସଂପୂର୍ଣ୍ଣ ରୂପେ ପ୍ରକୃତି ନିୟମାନୁଯାୟୀ ଅଟେ । କାରଣ ଈଶ୍ୱର ଯେତେବେଳେ ମାନବ ଜାତିର ସ୍ୱଭାବରେ ଏହି କଥା ରଖିଛନ୍ତି ଯେ, ମନୁଷ୍ୟ ଯେତେବେଳେ ପ୍ରକୃତ ହଦୟର ସହିତ ଅନ୍ୟ ବ୍ୟକ୍ତି ପ୍ରତି ପ୍ରତ୍ୟାବର୍ତ୍ତନ ବା ଆକୃଷ୍ଟ ହୁଏ ସେତେବେଳେ ଉକ୍ତ ବ୍ୟକ୍ତିର ହୃଦୟ ସେହି ବ୍ୟକ୍ତି ପ୍ରତି କୋମଳ ହୋଇ ଯାଇଥାଏ ଏବଂ ତରଳି ଯାଇଥାଏ । ତେଣୁ ବୁଦ୍ଧି ଓ ବିବେକ ଉକ୍ତ କଥାକୁ କିପରି ସ୍ୱୀକାର କରିପାରିବ ଯେ, ଭକ୍ତ ତ' ସତ୍ୟ ହୃଦୟର ସହିତ ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କଲା । କିନ୍ତୁ ଈଶ୍ୱର ସେହି ଭକ୍ତ ଆଡ଼କୁ ପ୍ରତ୍ୟାବର୍ତ୍ତନ କଲେ ନାହିଁ । ବରଂ ଈଶ୍ୱର ଯାହାଙ୍କ ସତ୍ତା ଅଶେଷ ଦୟାବାନ ଓ ସଦାୟ କରୁଣାମୟ ଅଟେ ସେ ଭକ୍ତ ଅପେକ୍ଷା ସର୍ବାଧିକ ପ୍ରତ୍ୟାବର୍ତ୍ତନକାରୀ ଅଟନ୍ତି । ଅତଏବ୍ ଯେପରିକି ମୁଁ ଉପରୋକ୍ତରେ ଉଲ୍ଲେଖ କଲି ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲାଙ୍କର ନାମ ତୱାବ୍ ଅଟେ । ଅର୍ଥାତ୍ ପ୍ରତ୍ୟାବର୍ତ୍ତନକାରୀ (ମନଯୋଗକାରୀ) ଅଟେ । ଭକ୍ତର ପ୍ରତ୍ୟାବର୍ତ୍ତନ ତ' ଲଜ୍ଜିତ, ଅନୁତପ୍ତ ଏବଂ ବିନତୀତତା ଓ ବିନମ୍ରତାପୂର୍ବକ ହୋଇଥାଏ କିନ୍ତୁ ଈଶ୍ୱରଙ୍କ ପ୍ରତ୍ୟାବର୍ତ୍ତନ ଦୟା ଓ କ୍ଷମାଭିକ୍ଷା ଦ୍ୱାରା ହୋଇଥାଏ । ଅଲ୍ଲାଃତାଲାଙ୍କ ବିଶିଷ୍ଟ ଗୁଣାବଳୀ ମଧ୍ୟରୁ ଦୟା ତାହାଙ୍କର ଗୁଣାବଳୀ ନଥାଆନ୍ତା ତେବେ କୌଣସି ବ୍ୟକ୍ତିକୁ ତହିଁରୁ ନିସ୍ତାର ମିଳି ପାରିବ ନାହିଁ । ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ, ଅଲ୍ଲାଃତାଲାଙ୍କ ବିଶେଷ ଗୁଣାବଳୀ ଉପରେ ଲୋକମାନେ ବିଚାର କଲେ ନାହିଁ ଏବଂ ନିଜର ସମସ୍ତ କର୍ମ, କୃତ୍ୟ ଆଚରଣ ଉପରେ ନିର୍ଭର କରେ । କିନ୍ତୁ ସେହି ପରମେଶ୍ୱର ଯିଏ ବିନା କୌଣସି କର୍ମ ଦ୍ୱାରା ସହସ୍ର ପୁରସ୍କାର ମନୁଷ୍ୟମାନଙ୍କ ନିମନ୍ତେ ଧରାପୃଷ୍ଠରେ ସୃଷ୍ଟି କଲେ, କ'ଣ ତାହାଙ୍କର ଏପରି ବିଶେଷ ଗୁଣାବଳୀ ହୋଇପାରିବ ଯେ, ଦୁର୍ବଳ ଆଧାରଶିଳା ମନୁଷ୍ୟ ଯେତେବେଳେ ନିଜର ଅବଚେତନ ଦ୍ୱାରା ସଚେତନ ହୋଇ ତାହାଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରେ ଓ ପ୍ରତ୍ୟାବର୍ତ୍ତନ ପୁଣି ଏପରି କରିବ ଯେପରିକି ସେ ମୃତ୍ୟୁବରଣ କରେ ଏବଂ ନିଜ ଶରୀରରୁ ପ୍ରଥମ ଅପବିତ୍ର ବସ୍ତ୍ରକୁ ଓହ୍ଲାଇ ଦେଉ । ତାହାଙ୍କ (ଈଶ୍ୱରଙ୍କ) ପ୍ରେମର ଜ୍ୱାଳାରେ ଦଗ୍ଧୀଭୂତ ହୋଓଇଯାଏ ଓ ପ୍ରଭୁ ତା' ଆଡ଼କୁ ଦୟାପୂର୍ବକ ଧ୍ୟାନ ଦିଅନ୍ତି ନାହିଁ ଓ ଚାହାନ୍ତି ନାହିଁ। ଏହା କେଡ଼ା ଅନ୍ୟାୟ ଓ ଅବିଚାର ଅଟେ । କ'ଣ ଏହାର ନାମ ପ୍ରକୃତିର ନିୟମ ଅଟେ । ନା । ଯେଉଁ ବ୍ୟକ୍ତି ଏପରି କଥା କୁହେ ତାହା ଉପେରେ ପ୍ରଭୁଙ୍କର ଅଭିଶାପ ଅବତୀର୍ଣ୍ଣ ହେଉ ।" **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-133-134ରୁ ଆନୀତ)**

ନିଜର ଜୀବନରେ ସ୍ପଷ୍ଟ ପରିବର୍ତ୍ତନ ସୃଷ୍ଟି କରିବା ନିମନ୍ତେ ଧ୍ୟାନ ଆକର୍ଷଣ କରି ଆପଣ ଅ.ସ କୁହନ୍ତି: "ଏକଥା ଭଲ ଭାବରେ ମନେରଖ ଯେ, ଅଲ୍ଲାଃତାଲାଙ୍କୁ ପରିତ୍ୟାଗ କରିଦେଇ ସାଧନ ଏବଂ ଯୋଜନା ଉପରେ ଭରସା କରିବା ମୂର୍ଖତା ଅଟେ । ନିଜ ଜୀବନରେ ଏପରି ପରିବର୍ତ୍ତନ ସୃଷ୍ଟି କରନିଅ ଯେ, ତୁମେ ଜାଣିପାରିବ ଯେ, ଯେପରି ତୁମେ ନୂତନ ଜୀବନ ପ୍ରାପ୍ତ କରିଛି ଏବଂ ସେହି ନୂତନ ଜୀବନଟି ଇସ୍ତିଗଫାରର ଜୀବନ ଅଟେ । ତେଣୁ ଅତ୍ୟଧିକ ଇସ୍ତିଗଫାର କର । ଯେଉଁମାନେ ସଂସାରିକ କର୍ମରେ ବ୍ୟସ୍ତ, ନିମଜ୍ଜିତ ହେବା ଯୋଗୁଁ ସେମାନଙ୍କ ନିକଟରେ ଇସ୍ତିଗଫାର କରିବା ପାଇଁ ଖୁବ କମ୍ ସମୟ ମିଳେ, ସେହି ବ୍ୟକ୍ତିମାନଙ୍କୁ ସବୁଠି ବେଶୀ ଇସ୍ତିଗଫାର କରିବା ଉଚିତ୍ । ଅର୍ଥାତ୍ ଲୋକମାନେ କୁହନ୍ତି ଯେ, ସାଂସାରିକ କର୍ମ ଜଞ୍ଜାଳ ବା ସାଂସାରିକ କାମ ଧନ୍ଦାରେ ବ୍ୟସ୍ତ ରହିବା ଯୋଗୁଁ ସେମାନଙ୍କୁ ଉପାସନା ଏବଂ ଇସ୍ତିଗଫାର କରିବା ପାଇଁ ଖୁବ୍ କମ ସମୟ ମିଳିଥାଏ। ତେବେ ସେହିପରି ଲୋକମାନଙ୍କୁ ସବୁଠୁ ବେଶି ଭୟ କରିବା ଉଚିତ୍ । ଅର୍ଥାତ୍ ଚାକିରୀ କରିଥିବା ଲୋକମାନଙ୍କ କ୍ଷେତ୍ରରେ ଅନେକ ସମୟରେ ଈଶ୍ୱରଙ୍କ କର୍ତ୍ତବ୍ୟ ବା ଅଧିକାର ସମ୍ପାଦନର ଅଭାବ ଦେଖା ଦେଇଥାଏ ବା ସେମାନେ ଈଶ୍ୱର ଚର୍ଚ୍ଚା କରିବାକୁ ଭୁଲି ଯାଆନ୍ତି । ଅତଃ ବାଧାବସ୍ଥାରେ ନମାଜ ଜୋହୋର, ଅସର୍, ମଗରିବ୍ ଏବଂ ଇଶା ନମାଜ ଜମା (ଏକତ୍ର) କରି ପାଠ କରିନେବା ବୈଧ ଅଟେ। କିନ୍ତୁ ଯେତେବେଳେ ଅତ୍ୟଧିକ ବାଧାବସ୍ଥା ସମୟ ରହିଛି ସେତେବେଳେ ଜମା କରି ଉପରୋକ୍ତ ନମାଜ ପାଠ କରିନିଅ । କିନ୍ତୁ ବାସ୍ତବତା ଏହା ହିଁ ଯେ, ଯଥା ସମୟରେ ନମାଜ ପାଠ କରିବା ଉଚିତ୍ । ମୁଁ ଏହା ମଧ୍ୟ ଜାଣିବାକୁ ଚାହୁଁଛି ଯେ, ଯଦି ଶାସକଙ୍କ ଠାରୁ ନମାଜ ପାଠ କରିବା ନିମନ୍ତେ ଅନୁମତି ନିଆଯାଏ ତେବେ ଶାସକ ମଧ୍ୟ ଅନୁମତି ପ୍ରଦାନ କରିଦେଇ ଥାଆନ୍ତି । ଯେଉଁମାନେ ଚାକିରୀଆ ଲୋକ ଅଟନ୍ତି ସେମାନଙ୍କର ଅଫିସର ଯଦି ମୁସଲମାନ ନୁହନ୍ତି ତେବେ ସେମାନଙ୍କ ଠାରୁ ନମାଜ ପାଠ କରିବା ନିମନ୍ତେ ଯଦି ଅନୁମତି ନିଆଯାଏ ତେବେ ନମାଜ ପାଠ କରିବା ପାଇଁ ଅନୁମତି ମଧ୍ୟ ମିଳିଯାଇଥାଏ । ନମାଜ ପରିତ୍ୟାଗ ନିମନ୍ତେ ଏପରି ଆତ୍ମିକ ଦୁର୍ବଳତା ବ୍ୟତୀତ ଅନ୍ୟ ଅନୁଚିତ ଓ ଅପ୍ରାସଙ୍ଗିକ ଆଳ କରିବା ସଠିକ୍ ନୁହେଁ । ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ଏବଂ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାରେ କେବେ ବି ଅନ୍ୟାୟ ଏବଂ ଅତ୍ୟାଚାର ଓ ହେଳା କର ନାହିଁ । ନିଜ ଉପରେ ନ୍ୟସ୍ତ ହୋଇଥିବା ଦାୟିତ୍ୱକୁ ସଠିକ୍ ଭାବରେ ନିର୍ବାହ କର ।"

**(ମଲ୍‌ଫୁଜାତ୍, ଭାଗ-1, ପୃ-265, ସଂସ୍କରଣ ବର୍ଷ-1984 ମସିହା)**

ସୁତରାଂ ଇସ୍ତିଗଫାର ଓ ତୌବା ସେତେବେଳେ ଲାଭ ଦେଇଥାଏ ଯେତେବେଳେ ମୌଳିକ ଆଦେଶାବଳୀକୁ ମଧ୍ୟ ସମ୍ମୁଖରେ ରଖି ସଠିକ୍ ଭାବରେ ତାହାର ଆଜ୍ଞା ପାଳନ କରାଯିବା ଉଚିତ୍ ଏବଂ ନିୟମିତ ନମାଜ ପାଠ କରିବା ଉଚିତ୍ ଓ ଅଲ୍ଲାଃତାଲା ତାହାଙ୍କ ଭକ୍ତମାନଙ୍କର ଅଧିକାର ମଧ୍ୟ ସଠିକ୍ ଭାବରେ ସମ୍ପାଦନ କରିବା ଉଚିତ୍ ।

ଆପଣ ଅ.ସ କୁହନ୍ତି: "ସୁତରାଂ ଉଠ ଏବଂ ତୌବା କରେ ଏବଂ ନିଜର ମାଲିକକୁ ନିଜର ସୁକର୍ମ ଦ୍ୱାରା ପ୍ରସନ୍ନ କରିଦିଅ । ମନେରଖ ! ଆସ୍ଥାଜନତି ପ୍ରମାଦର ଶାସ୍ତି ତ' ମୃତ୍ୟୁ ପରେ ମିଳିବ । ହିନ୍ଦୁ ହେବା, ଖ୍ରୀଷ୍ଟିଆନ୍ ହେବା ଓ ମୁସଲମାନ ହେବାର ନିର୍ଣ୍ଣୟ ତ' ପ୍ରଳୟ ଦିବସରେ ହେବ । କିନ୍ତୁ ଯେଉଁ ବ୍ୟକ୍ତି ଅନ୍ୟାୟ ଓ ଅତ୍ୟାଚାର, ପାପ ଓ ଅପରାଧରେ ସୀମା ଲଂଘନ କରେ ତା'କୁ ସେହି ସ୍ଥାନରେ ହିଁ ଶାସ୍ତି ପ୍ରଦାନ କରାଯାଇଥାଏ । ସେତେବେଳେ ସେ ପ୍ରଭୁଙ୍କ ଶାସ୍ତିରୁ କିପରି ପଳାୟନ କରିପାରିବ? କଦାପି ପଳାୟନ କରିପାରିବ ନାହିଁ । ଏହା କୁହ ନାହିଁ ଯେ, ତୌବା ସ୍ୱାକୃତ ହୋଇ ନଥାଏ । ମନେରଖ ! ତୁମେମାନେ ନିଜର କର୍ମରୁ କେବେ ବି ବର୍ତ୍ତି ପାରିବ ନାହିଁ । ସର୍ବଦା ଈଶ୍ୱରଙ୍କ କୃପା ହିଁ ମନୁଷ୍ୟକୁ ବଞ୍ଚାଇଥାଏ ନା କି କର୍ମ । ଅତଃ ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହୁଅ ଏବଂ ତାହାଙ୍କର ପ୍ରସନ୍ନତା ତଥା ତାହାଙ୍କର ଅନୁଗ୍ରହତା ପ୍ରାପ୍ତି କରିବା ନିମନ୍ତେ ଇସ୍ତିଗଫାର କରୁଥାଅ ।" ପୁନଶ୍ଚ ଆପଣ ଅ. କୁହନ୍ତି: "ହେ ଅଶେଷ ଦୟାବାନ ଓ ସଦାୟ କରୁଣମୟ ପ୍ରଭୁ ! ଆମ ସମସ୍ତଙ୍କ ଉପରେ ତୁମ୍ଭେ ନିଜର କୃପାବତୀର୍ଣ୍ଣ କର । କାରଣ ଆମ୍ଭେମାନେ ତୁମ୍ଭର ଭକ୍ତ ଅଟୁ ଓ ତୁମ୍ଭର ଆସ୍ଥାନ ଉପରେ ପଡ଼ି ରହିଛୁ । ଆମିନ୍ ।"

**(ଲେକ୍‌ଚର୍ ଲାହୋର, ରୁହାନୀ ଖଜାଏନ୍, ଭାଗ-20, ପୃ-174)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆର ଅଧିକାରୀ କରନ୍ତୁ ଓ ଆମେମାନେ ତୌବାର ପ୍ରକୃତ ଅର୍ଥକୁ ବୁଝି ଇସ୍ତିଗଫାରର ବାସ୍ତବତାକୁ ବୁଝି ଆମମାନଙ୍କୁ ଇସ୍ତିଗଫାର ଓ ତୌବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବି । ନମାଜ ଜୁମା ପରେ ମୃତକ ମୃତକାମାନଙ୍କର ନମାଜ ଯାନାଜାଃ ପାଠ କରିବି ମୃତକମାନଙ୍କ ମଧ୍ୟରେ ପ୍ରଥମ ମୃତକା ହେଲେ, ସମ୍ମାନନୀୟା ସ୍ୱର୍ଗତା ଆନିସା ବେଗମ୍ ସାହିବା । ସ୍ୱର୍ଗତା ମୀର୍ ମୁହମ୍ମଦ୍ ଇସ୍‌ହାକ୍ ସାହେବ ର.ଅଙ୍କର ସୁପୁତ୍ରୀ ଥିଲେ । ବିଗତ ଦିନ ୨୩ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ଓସିୟତ୍ କାରୀଣୀ ମହିଳା ଥିଲେ ଏବଂ କାଦିଆନ୍ ଠାରେ ଜନ୍ମଗ୍ରହଣ କରିଥିଲେ । ହ. ମୀର୍ ନାସିର୍ ନୱାବ୍ ସାହେବ ସ୍ୱର୍ଗତାଙ୍କର ଦଦା ଥିଲେ । ତାଙ୍କ ମାତାଙ୍କ ନାମ ହ. ସାଲିହା ବେଗମ୍ ସାହେବା ଥିଲା । ସ୍ୱର୍ଗତାଙ୍କ ନନା (ଅଜା)ଙ୍କ ନାମ ପୀର୍ ମନଜୁର୍ ମୁହମ୍ମଦ୍ ସାହେବ ଥିଲା । ସ୍ୱର୍ଗତା ଆନିସା ବେଗମ୍ ସାହେବ ପ୍ରାରମ୍ଭିକ ଶିକ୍ଷା କାଦିଆନରୁ ପ୍ରାପ୍ତ କିରଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କୁ ଦୁଇଟି ପୁତ୍ର ସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନ ପ୍ରଦାନ କରିଥିଲେ । ସ୍ୱର୍ଗତ କାଜି ଶୌକତ୍ ସାହେବଙ୍କୁ ସ୍ୱର୍ଗତା ଆନିସା ବେଗମ ସାହେବା ବିବାହ କରିଥିଲେ ।

ମୀର ମେହ୍‌ମୁଦ୍ ଅହେମଦ ସାହେବ ନାସିର୍ ରବ୍‌ୱାରୁ ନିଜର ଭଉଣୀ ସଂପର୍କରେ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତା ଭଉଣୀ ଅତ୍ୟନ୍ତ ସରଳ ମହିଳାଟିଏ ଥିଲେ, କାହାରିକୁ କୌଣସି କ୍ଷତି କିମ୍ବା କାହାରି କୌଣସି ଅନିଷ୍ଟ କାମନା କରୁ ନଥିଲେ । ବିବାହ କରିବା ପୂର୍ବରୁ ସମଗ୍ର ବଂଶରେ ସେବା ମୋ ସ୍ୱର୍ଗତା ଭଉଣୀ କରୁଥିଲେ । ରବ୍‌ୱାର ପ୍ରାରମ୍ଭିକ ଦିନମାନଙ୍କରେ ଯେତେବେଳେ ଏଠାରେ ବିଦ୍ୟୁତ୍ ସଂଯୋଗ ନଥିଲା, ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଥିଲା, ଆମେମାନେ କଚ୍ଚା (ମାଟି) ଘରେ ରହୁଥିଲୁ ଏବଂ ଗ୍ରୀଷ୍ମ ଦାଉରୁ ବର୍ତ୍ତିବା ନିମନ୍ତେ ସମସ୍ତେ ଗୋଟିଏ କୋଠରୀରେ ଏକତ୍ରିତ ହୋଇଯାଉଥିଲୁ। ସେଠାରେ ସେ ଛାତ ଉପରେ ଏକ ବଡ଼ ଝାଲର ପଙ୍ଖା ଲାଗିଥିଲା ଏହାକୁ ଦଉଡ଼ି ସାହାଯ୍ୟରେ ହଲାଇ ପବନ କରାଯାଉଥିଲା ଏବଂ କେହି କିଛି ନକହିଲେ ବି ସ୍ୱର୍ଗତା ଭଉଣୀ ଆମର ଆରାମ ଓ ସୁଖ ସକାଶେ ବାହାରେ ବସି ଦଉଡ଼ିକୁ ହଲାଉଥିଲେ । କାରଣ ଆମେମାନେ ଯେପରି ଆରମ୍ ସେ ଶୋଇ ପାରିବୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତା ଆନିସା ବେଗମ୍ ସାହେବାଙ୍କର ସନ୍ତାନମାନେ ଉଲ୍ଲେଖ କରନ୍ତି ଯେ, ଆମର ମାତାଶ୍ରୀ ଅତ୍ୟନ୍ତ ବିନୀତା ଏବଂ ନୈଷ୍ଠିକା ଅହେମଦି ମୁସଲମାନ ମହିଳାଟିଏ ଥିଲେ । ସେ ସ୍ୱାମୀଙ୍କର ଅଧିକାର ଏବଂ କର୍ତ୍ତବ୍ୟ ସମ୍ପାଦନ କାରୀଣୀ ପତ୍ନି ଥିଲେ । ସ୍ୱଭାବ ଅତ୍ୟନ୍ତ ସରଳ ଓ ପ୍ରେମକାରୀଣୀ ଥିଲା ।

ରସୁଲ୍ କରୀମ୍ ସ.ଅ ଓ ଆପଣ ସ.ଅଙ୍କ ଖଲିଫାମନାଙ୍କର ତଥା ସାହାବାମାନଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ତାତ୍ତ୍ୱିକପୂର୍ଣ୍ଣ ଘଟଣାବଳୀ ଅତ୍ୟନ୍ତ ସରଳ ଢଙ୍ଗରେ ବର୍ଣ୍ଣନା କରୁଥିଲେ । ଜମାଅତ୍‌ର ଇତିହାସ, ହ. ମସିହ୍ ମଉଦ୍ ଅ.ସ ଏବଂ ଆପଣ ଅ.ସଙ୍କ ଖଲିଫା ଓ ସାହାବାମାନଙ୍କର ଘଟଣାବଳୀ ମଧ୍ୟ ଅତ୍ୟନ୍ତ ସରଳ ଭାବରେ ବର୍ଣ୍ଣନା କରୁଥିଲେ । ସାଧାରଣତଃ ସନ୍ତାନମାନଙ୍କୁ ଏବଂ ଲୋକମାନଙ୍କୁ ଏହି କଥା ନିମନ୍ତେ ଉପଦେଶ ଦେଉଥିଲେ ଯେ, ବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଯାଅ ଏବଂ ସଭ୍ୟ ଏବଂ ଶିଷ୍ଟ ଜୀବନ ଅତିବାହିତ କର । ମାତାଶ୍ରୀ  ଜମାଅତୀୟ କାର୍ଯ୍ୟରେ ଅତ୍ୟନ୍ତ ସକ୍ରିୟ ଭୂମିକା ନିର୍ବାହ କରୁଥିଲେ । ସ୍ୱର୍ଗତା ମାତାଶ୍ରୀଙ୍କ ମାନବତା ନିମନ୍ତେ ସବୁଠୁ ବଡ଼ ବିଶେଷତା ଦୟା ଥିଲେ । ତବ୍‌ଲିଗ୍ କରିବାର ପ୍ରବଳ ସ୍ପୃହା ଏବଂ ଉତ୍ସାହ ରହିଥିଲା । ଏପର୍ଯ୍ୟନ୍ତକି ଆପଣ ବିମାନ ବନ୍ଦରରେ ବିମାନ ଚାଳକ ସମେତ ଲୋକମାନଙ୍କୁ ଇସ୍‌ଲାମ୍ ଅହେମଦିୟତ୍‌ର ନିମନ୍ତ୍ରଣ ଦେଇଥିଲେ । ଆପଣଙ୍କ ଚରିତ୍ରରେ ସୌନ୍ଦର୍ଯ୍ୟ ଏବଂ ସରଳତା ସଂଶ୍ଳିଷ୍ଟ ରହିଥିଲା । ସେ ଅତ୍ୟନ୍ତ ଉତ୍କୃଷ୍ଟ ତକ୍‌ରିର୍ (ଭାଷଣ)  ଦେଉଥିଲେ । ତାଙ୍କର ଭାଣିଜୀ ଅମତୁଲ୍ କାଫି ସାହେବ କୁହନ୍ତି ଯେ, ମୁଁ ଅଭିଭାବକଙ୍କ ଠାରୁ ଯେଉଁ ମୌଳିକ ସଂସ୍କାର ପ୍ରାପ୍ତ କଲି ତାହା ଏତେ ସୁଦୃଢ ଥିଲା କି ମୁଁ ତହିଁରୁ କେବେ ବି ଅବିଚଳତା ପ୍ରଦର୍ଶନ କରି ନଥିଲି । ଧର୍ମ ସେବାର କରିବା ଉତ୍ସାହ ଏତେ ଥିଲା ଯେ, ନ୍ୟୁୟର୍କ ଭଳି ଦେଶରେ ନିୟମିତ ମସ୍‌ଜିଦ୍ ଯାଇ ମସଜିଦ୍ ପରିଷ୍କାର କରୁଥିଲେ । ଲୋକମାନେ ଏହା କୁହନ୍ତି ଯେ, ଯେପର୍ଯ୍ୟନ୍ତ ସାହାସ ରହିଥିଲା ସଉଦା ନେବା ସମୟରେ ସାଧାରଣ ଲୋକମାନଙ୍କୁ ନିଜର ବିବେକ ଏବଂ ଭାଷା ଅନୁଯାୟୀ ତବ୍‌ଲିଗ୍ (ପ୍ରଚାର) କରୁଥିଲେ । ଅଭାବି, ଦରିଦ୍ରମାନଙ୍କ ସକାଶେ ମନରେ ସହାନୁଭୂତି ଓ ପ୍ରେମ ତଥା ଆନ୍ତରୀକତାର ଏକ ତୋଫାନ (ଉତ୍ସାହ) ଲାଗି ରହଥିଲା । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ସନ୍ତାନମାନଙ୍କୁ ମଧ୍ୟ ସ୍ୱର୍ଗତାଙ୍କ ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ତାଙ୍କ ପ୍ରତି ଅଲ୍ଲାଃତାଲା ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

ଦ୍ୱିତୀୟ ଯନାଜାଃ ହେଉଛି ସିୟାଲକୋଟର ସମ୍ମାନନୀୟ ବୁଶ୍ରା ଅକ୍ରମ ସାହେବାଙ୍କର । ତାଙ୍କର ବିୟୋଗ ମଧ୍ୟ ବିଗତ ଦିନରେ ହୋଇଥିଲା । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ । ସ୍ୱର୍ଗତା ସିୟାଲକୋଟ୍ ଜିଲ୍ଲା ଅନ୍ତର୍ଗତ ଭଡ଼ାଲ୍ ଠାରେ 1955 ମସିହାରେ ଜନ୍ମ ଗ୍ରହଣ କରିଥିଲେ । ସ୍ୱର୍ଗତା ପୁଣ୍ୟବାନ, ଧର୍ମପରାୟଣା, ରୋଜା (ଓଷା ବ୍ରତାଦି), ନମାଜର ନିୟମାନୁବର୍ତ୍ତୀନୀ ଏବଂ ଜଣେ ନୈଷ୍ଠିକା ମହିଳା ଥିଲେ। ଅତିଥି ସତ୍କାର, ଅଭାବିମାନଙ୍କର ଯତ୍ନ ଏବଂ ଖିଲାଫତ୍ ସହିତ ପ୍ରେମ ତାଙ୍କର ବିଶେଷ ଓ ଅନନ୍ୟ ଗୁଣାବଳୀ ଥିଲା । ଉତ୍ସର୍ଗୀକୃତ ଜୀବନମାଙ୍କୁ ସେ ବହୁତ ସମ୍ମାନ ଜଣାଉଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ, ଏକ ପୁତ୍ର ସନ୍ତାନ ଏବଂ ତିନି ଜଣ କନ୍ୟା ସନ୍ତାନ ଅନ୍ତର୍ଭୁକ୍ତ ଅଟନ୍ତି । ତାଙ୍କର ସୁପୁତ୍ର ବାବର ଶେହଜାଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସେ ବର୍ତ୍ତମାନ ସେରାଲିଓନରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଉଛନ୍ତି ଏବଂ କର୍ମଭୂମିରେ ଅବତୀର୍ଣ୍ଣ ହୋଇଥିବା ହେତୁ ମାତାଶ୍ରୀଙ୍କ ଯନାଜାଃ (ଅନ୍ତ୍ୟୋଷ୍ଟି କ୍ରିୟା)ରେ ସାମିଲ୍ ହୋଇପାରିଲେ ନାହିଁ ।

ବାବର ଶେହଜାଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ଯେତେବେଳେ ଯାମିୟା ଅହେମଦିୟାରେ ମୋର ଆଡମିଶନ ହେଲା ସେତେବେଳେ ମାତାଶ୍ରୀ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ଏବଂ ମୋତେ ପଚାରିଲେ ପୁତ୍ର ! ଯାମିୟାରେ ତୁମକୁ କ'ଣ ପଚାରିଥିଲେ । ମୁବଲ୍ଲିଗ୍ ସାହେବ କୁହନ୍ତି ମୋତେ ଯାମିୟାରେ ଏହା ପଚରା ଯାଇଥିଲା ଯେ, ତୁମେ ଘରର ଏକମାତ୍ର ପୁତ୍ର ସନ୍ତାନ ଅଟ। ତୁମେ ଯଦି ନିଜକୁ ୱକ୍‌ଫ୍ (ଉତ୍ସର୍ଗ) କରିଦେଲ ତେବେ ତୁମ ମାତାପିତାଙ୍କର ଯତ୍ନ କିଏ ନେବ ? ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ମୁଁ ତ' ଯାହା ଉତ୍ତର ଦେବାର ଥିଲା ଉତ୍ତର ଦେଲି। କିନ୍ତୁ ମାତାଶ୍ରୀ  ମୋ କଥା ଶୁଣି କହିଲେ, ମୋର ଯଦି 7ଟି ପୁତ୍ର ସନ୍ତାନ ଥାଆନ୍ତା ତାହାହେଲେ ମୁଁ ସମସ୍ତଙ୍କୁ ୱକ୍‌ଫ୍ (ଉତ୍ସର୍ଗୀକୃତ) କରିଦେଇ ଥାଆନ୍ତି। ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ମାତାଶ୍ରୀଙ୍କ ଶେଷ ଦିନମାନଙ୍କରେ ଯେତେବେଳେ ମାତାଶ୍ରୀ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ ସେତେବେଳେ ମୁଁ ମା'ଙ୍କ ନିକଟକୁ ଫୋନ୍ କଲି ଏବଂ ପଚାରିଲି ମା' ଆପଣ କେମିତି ଅଛନ୍ତି ? ମାତାଶ୍ରୀ ଅତ୍ୟନ୍ତ ଦୁଃଖ ଓ ଯନ୍ତ୍ରଣାରେ ଥିବା ସତ୍ତ୍ୱେ ସେ ଏହା ହିଁ କହିଲେ କି ମୁଁ ଠିକ୍ ଅଛି । ଡାକ୍ତରଙ୍କ ମାର୍ଗଦର୍ଶନ ଅନୁଯାୟୀ ସବୁ ଖାଉଛି ଓ ପିଉଛି । କିନ୍ତୁ ତତ୍‌ସହିତ ମାତାଶ୍ରୀ ଏହା ମଧ୍ୟ କହିଲେ, ମୋତେ ଯଦି କିଛି ହୋଇଯାଏ ତେବେ ଆଦୌ ଚିନ୍ତିତ ଏବଂ ବିବ୍ରତ ହେବ ନାହିଁ । ସେହି ଆଫ୍ରିକାର ହିଁ ରହିବ । ସନ୍ତାନମାନଙ୍କୁ ହଇରାଣ କରିବ ନାହିଁ । ତୁମେ ଉତ୍ସର୍ଗୀକୃତ ଜୀବନ ଅଟ ତେଣୁ ତୁମେ ଧୈର୍ଯ୍ୟ ପ୍ରଦର୍ଶନ କରିବ । ମୁବଲ୍ଲିଗ୍ ସାହେବ କୁହନ୍ତି;  ଏହା ହିଁ ମୋ ମାତାଶ୍ରୀଙ୍କର ଶେଷ ବାକ୍ୟ ଥିଲା ।

ମାତାସ୍ରୀ ଅଭାବି, ଦରିଦ୍ର ଏବଂ ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କୁ ଓ ବିଧବାମାନଙ୍କର ଯତ୍ନ ନେଉଥିଲେ । ସେମାନଙ୍କୁ ଆର୍ଥିକ ସାହାଯ୍ୟ ମଧ୍ୟ କରୁଥିଲେ। ଯେତେବେଳେ ବି ଗହମ କିମ୍ବା ଧାନ ଚାଷ ହୋଇ ଶସ୍ୟ ଅମଳ ହେଉଥିଲା ସେତେବେଳେ ସେହି ଶସ୍ୟକୁ ଅନେକ ଭାଗରେ ବିଭକ୍ତ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । **ଆମିନ୍** ।

ତୃତୀୟ ଯନାଜାଃ ହେଉଛି ସ୍ୱର୍ଗତା ମୁସର୍ରତ୍ ଜାହାଁ ସାହେବାଙ୍କର । ସ୍ୱର୍ଗତା ମୁସର୍ରତ ସାହେବ ଚୋଧୁରୀ ଅଖ୍‌ତର ସାହେବ ଅଫ୍ ଅଷ୍ଟ୍ରେଲିୟାଙ୍କର ପତ୍ନି ଥିଲେ । ତାଙ୍କର ମଧ୍ୟ ବିଗତ ଦିନ 87 ବର୍ଷ ବୟସରେ ବିୟୋଗ ହୋଇଯାଇଥିଲା । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ ।  ସ୍ୱର୍ଗତାଙ୍କ ଦଦା ହ. ବାବୁ ମୁହମ୍ମଦ ଅଫ୍‌ଜଲ୍ ସାହେବ ଓଜଲୱୀ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ଥିଲେ । ଦଦାଙ୍କ ଦ୍ୱାରା ଲାଳିତ ପାଳିତ ହୋଇଥିଲେ ଏବଂ ସଂସ୍କାର ପ୍ରାପ୍ତ ହୋଇଥିଲେ । ସ୍ୱର୍ଗତା ମୁସର୍ରତ୍ ସାହେବାଙ୍କୁ ବ୍ରେନ୍ ହ୍ୟାମରେଜ୍ ହୋଇଯାଇଥିଲା । ବିଗତ ଶହେ ବର୍ଷ ଧରି ଏହି କାରଣରୁ ସେ ଶଯ୍ୟାଶାୟୀ ହୋଇ ରହିଥିଲେ । ତାଙ୍କର ସନ୍ତାନ ସନ୍ତତିଙ୍କ ମଧ୍ୟରୁ ଜଣେ ସୁପୁତ୍ର ଯାହାଙ୍କ ନାମ ଜାହିଦ୍ ଓ ବଧୂ ବିଶେଷ ପ୍ରକାରର ସେବା କରିଥିଲେ । ସ୍ୱର୍ଗତାଙ୍କ ବଧୂ କୁହନ୍ତି:"ଶାଶୁ ମହୋଦୟା ମୋ ସହିତ ଏପରି ସକ୍ରିୟ ଜୀବନ ବିତାଇ ମୋ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କଲେ ଯେପରିକି ସେ ମୋ ଶାଶୁ ନଥିଲେ ବରଂ ମୋ ପ୍ରତି ଝିଅ (କନ୍ୟା) ପରି ବ୍ୟବହାର ପ୍ରଦର୍ଶନ କରିଥିଲେ । ନମାଜ, ରୋଜା, ତେହଜ୍ଜୁଦ୍‌ର ନିୟମାନୁବର୍ତ୍ତୀ ଥିଲେ । ଉପାସନାର ବିଶେଷ ପ୍ରକାରର ବ୍ୟବସ୍ଥା କରୁଥିଲେ । ନିଜ ଘରେ ମଧ୍ୟ ଉପାସନା ନିମନ୍ତେ ପୃଥକ ସ୍ଥାନ ତିଆରି କରିଥିଲେ । ଦାରୁଲ୍ ଉଲୁମ୍‌ରୁ ମସ୍‌ଜିଦ୍ ମୁବାରକ୍‌ରେ ଯେତେବେଳେ ଦରସ୍ (ଅଧ୍ୟାପନା) ହେଉଥିଲା ସେତେବେଳେ ସେ ଦରସ୍ ଶୁଣିବା ନିମନ୍ତେ ପାଦରେ ଚାଲି ଚାଲି ଯାଉଥିଲେ । ଜୀବନରେ ଶେଷ 10 ଦିନରେ ତରାୱିହ୍ ପାଠ କରିବା ନିମନ୍ତେ ମଧ୍ୟ ଯାଉଥିଲେ । ଖିଲାଫତ୍ ପ୍ରତି ଅସୀମ ଆସ୍ଥା ଏବଂ ସମ୍ମାନର ସଂପର୍କ ଥିଲା । ସ୍ୱର୍ଗତାଙ୍କର ସ୍ୱାମୀ ରେଳ ବିଭାଗରେ ଷ୍ଟେସନ ମାଷ୍ଟର ଭାବରେ କାର୍ଯ୍ୟ କରୁଥିଲେ । ଯେଉଁଠି ବି ତାଙ୍କର ବଦଳି ଏବଂ ନିଯୁକ୍ତି ହେଉଥିଲା ସେଠାରେ ସେ ନିଜର ସନ୍ତାନମାନଙ୍କୁ ପବିତ୍ର କୁରଆନ୍ କରୀମ ପାଠ ପଢାଇବାର କ୍ଲାସ୍‌ର ଆୟୋଜନ କରୁଥିଲେ । ରବ୍‌ୱାରେ ମଧ୍ୟ ଯେତେବେଳେ ସେ ବାସ କରୁଥିଲେ ସେତେବେଳେ ସେଠାରେ ମଧ୍ୟ ପବିତ୍ର କୁରଆନ୍ କରୀମ୍‌ର କ୍ଲାସର ଆୟୋଜନ ଓ ବ୍ୟବସ୍ଥା କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ମିଆଁଙ୍କ ବ୍ୟତୀତ ତିନି ଜଣ ପୁତ୍ର ସନ୍ତାନ ଓ ତିନି ଜଣ କନ୍ୟା ସନ୍ତାନ ସାମିଲ୍ ଅଟନ୍ତି । ତାଙ୍କର କନିଷ୍ଠ ପୁତ୍ର ହାଫିଜ୍ ରାଶିଦ୍ ଜାୱେଦ୍ ସାହେବ ନାଜିମ୍ ଦାରୁଲ୍ କଜା ରବ୍‌ୱା ଅଟନ୍ତି । ସେ ୱାକ୍‌ଫେ ଜିନ୍ଦିଗୀ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସ୍ୱର୍ଗତାଙ୍କର ଯେଉଁ ପୁଣ୍ୟାବଳୀ ରହିଛି ତାହାକୁ ଅବ୍ୟାହତ ରଖିବା ନିମନ୍ତେ ତାଙ୍କର ସନ୍ତାନ ସନ୍ତତିଙ୍କୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ଚତୁର୍ଥ ଯନାଜାଃ ହେଉଛି ଆମେରିକାର ସ୍ୱର୍ଗତ ନାସିର୍ ଅହେମଦ କୁରୈଶି ସାହେବଙ୍କର । ତାଙ୍କର ମଧ୍ୟ ବିଗତ ଦିନରେ 80 ବର୍ଷ ବୟସରେ ବିୟୋଗ ହୋଇଯାଇଥିଲା । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ । ସ୍ୱର୍ଗତ ନାସିର୍ ସାହେବ ଅମତୁଲ୍ ବାରି ନାସିର୍ ସାହେବାଙ୍କର ସ୍ୱାମୀ ଥିଲେ । ଅମତୁଲ୍ ବାରି ସାହେବା କରାଚୀର ସେକ୍ରେଟାରୀ ଇଶାଅତ୍ ଭାବରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ ଦୁଇ ଜଣ ପୁତ୍ର ସନ୍ତାନ ଏବଂ ତିନି ଜଣ କନ୍ୟା ସନ୍ତାନ ଅନ୍ତର୍ଭୁକ୍ତ ଅଟନ୍ତି । ସ୍ୱର୍ଗତ ନାସିର୍ ସାହେବଙ୍କ ଏକ ନାତି ୱକ୍କାସ ଖୁର୍ଶିଦ ସାହେବ ମୁବଲ୍ଲିଗ୍ ସିଲସିଲା ଅଟନ୍ତି ଓ ଅନ୍ୟ ଏକ ପୌତ୍ର ଯାମିୟା ଅହେମଦିୟା କାନାଡ଼ାରେ ଅଧ୍ୟୟନରତ ଅଟନ୍ତି । ସ୍ୱର୍ଗତ ନାସିର୍ ସାହେବଙ୍କର ପିତାଶ୍ରୀଙ୍କ ନାମ ସମ୍ମାନନୀୟ ଶମ୍‌ଶୁଦ୍ଦୀନ ଭାଗଲପୁରୀ ସାହେବ ଥିଲା ଓ ତାଙ୍କ ବଂଶରେ ଅହେମଦିୟତ୍ 1913 ମସିହାରେ ଆସିଥିଲା । ଯେତେବେଳେ ସମ୍ମାନନୀୟ ମୌଲବୀ ଅବ୍‌ଦୁଲ୍ ମାଜିଦ୍ ସାହେବ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ପତ୍ନି ହ. ସୟେଦ ସାରାହ୍ ବେଗମ୍ ସାହେବ ଉକ୍ତ ଅଞ୍ଚଳରେ ଏକ ଜଲ୍‌ସା ଆୟୋଜନ କଲେ ଏବଂ ସଦାକତ୍ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରମାଣ ଉପସ୍ଥାପିତ

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

କଲେ ତାଙ୍କର ପିତାଶ୍ରୀ ବହୁତ ପ୍ରଭାବିତ ହେଲେ । ଷ୍ଟେଜ୍ ଉପରକୁ ଯାଇ ସାକ୍ଷାତ୍ କଲେ । ଲିଟ୍ରେଚର୍ ତାଙ୍କୁ ଦିଆଗଲା । ଯାହାକୁ ପାଠ କରି ଅହେମଦିୟତ୍ ନିମନ୍ତେ ଉତ୍ସାହ ସୃଷ୍ଟି ହେଲା । ସେ ଦୁଆ କଲେ । ଅଲ୍ଲାଃତାଲା ଏକ ସ୍ୱପ୍ନରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ମୁଖମଣ୍ଡଳ ଏବଂ ଶୁଭ ସମାଚାର ପ୍ରଦାନକାରୀ ସ୍ୱର୍ଗତଙ୍କୁ ସ୍ୱପ୍ନ ଦେଖାଇଲେ । ସୁତରାଂ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କୁ ବୈଅତ୍ କରିବା ନିମନ୍ତେ ପତ୍ର ଲେଖିଦେଲେ । ଆପଣ ର.ଅଙ୍କ ହସ୍ତରେ ସେ ବୈଅତ୍ କରିଥିଲେ। ଏହିପରି ଭାବରେ ଭାଗଲପୁରର ପ୍ରାରମ୍ଭିକ ଅହେମଦିମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ଘୋର ବିରୋଧ ଯୋଗୁଁ ନିଜର ପତ୍ନି ଓ ସନ୍ତାନମାନଙ୍କୁ ସହିତ ପ୍ରବାସ କରି କାଦିଆନ୍ ଆସିଗଲେ ଏବଂ ସଠାରେ ନିଷ୍ଠାପରତା ଏବଂ ଆନ୍ତରୀକତାରେ ଉନ୍ନତି କରି ଚାଲିଲେ । ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ କାର୍ ଡ୍ରାଇଭର (ଗାଡ଼ି ଚାଳକ) ଭାବରେ ମଧ ତାଙ୍କୁ ସେବା କରିବାର ସାମର୍ଥ୍ୟ ଲାଭ ହୋଇଥିଲା ।

ନାସିର୍ କୁରୈଶୀ ସାହେବ କାଦିଆନରେ ଜନ୍ମ ଗ୍ରହଣ କରିଥିଲେ । ଦେଶ ବିଭାଜନ ପରେ କରାଚୀରେ ଅବସ୍ଥାନ କରିଥିଲେ । ଏଠାରେ ହିଁ ଶିକ୍ଷା ପ୍ରାପ୍ତ କରିଥିଲେ । ଅତ୍ୟନ୍ତ କଠୋର ପରିଶ୍ରମ ଓ ଅଧ୍ୟବସାୟ ବଳରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ପାଠ ପଢୁଥିଲେ । ସେ ବି.ଇ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ କଲେ ଏବଂ ପୁନଶ୍ଚ ଏତଦ୍‌ପରେ ନିଜର ଟେଲିଫୋନ୍ ବିଭାଗରେ ଚାକିରୀ କରିଥିଲେ । ଜେନେରାଲ୍ ମ୍ୟାନେଜର୍ ପଦବୀ ପର୍ଯ୍ୟନ୍ତ ସେ ଉନ୍ନୀତ ହୋଇଥିଲେ । ଚାକିରୀ ଜୀବନରୁ ଅବସର ନେବା ସମୟରେ ଜଣେ ପରିଶ୍ରମୀ ଓ ବିଶ୍ୱସ୍ତ ଅଫିସରର ଖ୍ୟାତି ପ୍ରାପ୍ତ କରି ଅବସର ଗ୍ରହଣ କରିଥିଲେ । ଜମାଅତ୍ ଅହେମଦିୟା କରାଚୀ ହଲ୍‌କା (ମଣ୍ଡଳ) ସ୍ଥିତ ନାଜିମାବାଦରେ ସଦର୍ ହଲ୍‌କା ଓ ସେ ଯେଉଁଠି ବି ରହିଥିଲେ ଅନ୍ୟ ସ୍ଥାନରେ ମଧ ସଦର୍ ଭାବରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ତାଙ୍କୁ କ୍ଷମାଦାନ କରନ୍ତୁ । ଆମିନ୍ ।

ସ୍ୱର୍ଗତ ନାସିର କୁରୈଶି ସାହେବଙ୍କର ପତ୍ନି ଅମତୁଲ୍ ବାରି ସାହେବା ଉଲ୍ଲେଖ କରନ୍ତି ଯେ, ମୁଁ ସ୍ୱାମୀଙ୍କୁ ସର୍ବଦା ନମାଜ ଓ ରୋଜାର ନିୟମାନୁବର୍ତ୍ତୀ ଥିବାର ପାଇଥିଲି । ମସଜିଦରେ ସବୁବେଳେ ମନ ଲାଖି ରହୁଥିଲା । ଦାୟିତ୍ୱବାନ୍ ସ୍ୱାମୀ, ସନ୍ତାନମାନଙ୍କର ଶିକ୍ଷା ଓ ସଂସ୍କାରର ବହୁତ ଯତ୍ନ ନେଉଥିବାର ପାଇଛି । ଅଭାବି ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ସାମର୍ଥ୍ୟ ତାଙ୍କୁ ପ୍ରାପ୍ତ ହେଉଥିଲା । ଖିଲାଫତ୍ ସହିତ ପ୍ରେମିକଙ୍କ ପରି ପ୍ରେମ କରୁଥିଲେ । ନିର୍ମଳ, ସିଧା ଓ ସତ୍ୟ କଥା କହୁଥିଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ସେ ଓସିୟତ୍ କରିଥିଲେ । ଅଲ୍ଲାଃତାଲା ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ........

ମଧ ଆଲୋକ ହେଉ । ମୋ ସମ୍ମୁଖରେ ଆଲୋକ ରଖିଦିଅ ଓ ମୋ ପଛେରେ ମଧ ଆଲୋକ ରଖିଦିଅ । ତୁମ୍ଭେ ମୋ ନିମନ୍ତେ ଚତୁର୍ଦିଗରେ ଆଲୋକ ଓ ଆଲୋକ ହିଁ କରିଦଅ ।

ପୁନଶ୍ଚ ଆପଣ ସ.ଅଙ୍କ ଏକ ଦୁଆର ଚର୍ଚ୍ଚା ଏହିପରି ମିଳେ ଯେ, ଜିୟାଦ୍ ବିନ୍ ଅଲାଇକା ନିଜର ଚଚା କୁତ୍‌ବା ବିନ୍ ମାଲିକଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ଏହି ଦୁଆ କରୁଥିଲେ ଯେ, اَللّٰهُمَّ إِنِّيْ أَعُوْذُبِكَ مِنْ مُنْكَرَاتِ الْأَخْلَاقِ وَالْأَعْمَالِ وَالْأَهْوَاءِ । ଅର୍ଥାତ୍ ହେ ଅଲ୍ଲାଃ ! ମୁଁ କୁଚରିତ୍ର ଏବଂ କୁକର୍ମ ଓ କୁଇଚ୍ଛା ତଥା ଅଭିଳାଷାରୁ ତୁମ୍ଭର ଶରଣ ଭିକ୍ଷା କରୁଅଛି । **(ସୁନନୁତ୍ ତିର୍ମିଜି, ଅବ୍‌ୱାବୁଦ୍ ଦାୱାତ୍, ବାବ୍-ଦୁଆଉ ଉମ୍ମେ ସଲ୍‌ମା, ହଦିସ୍ ନଂ-3591)**

ଉକ୍ତ ଦୁଆଟି ଅତ୍ୟନ୍ତ ସଂକ୍ଷିପ୍ତ ଦୁଆ ଅଟେ । ପ୍ରତ୍ୟେକ ବ୍ୟକ୍ତି ଏହାକୁ ଅତି ସହଜରେ କରିପାରିବ । ହେ ଅଲ୍ଲାଃ ! ମୁଁ କୁଚରିତ୍ର ଏବଂ କୁଇଚ୍ଛାରୁ ତୁମ୍ଭର ଶରଣ ଭିକ୍ଷା କରୁଛି । ମନୁଷ୍ୟ ଯଦି ଏହି ଦୁଆ କରେ ତେବେ ଅନେକ କୁକର୍ମ ମଧ ଦୂରୀଭୂତ ହୋଇଯିବ ଏବଂ ପୁଣ୍ୟାବଳୀ ସୃଷ୍ଟି ହୋଇଯିବ ।

ପୁନଶ୍ଚ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅବୁ ଅମାମା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଏତେ ବହୁଳ ମାତ୍ରାରେ ଦୁଆ କଲେ ଯେ, ଆମମାନଙ୍କୁ ତହିଁରୁ କିଛି ବି ମନେ ରହିଲା ନାହିଁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ସାହାବାମାନଙ୍କୁ ଦୁଆ ଶିଖାଉଥିଲେ । ଅନେକ ଦୁଆ କଲେ ଆପଣ ସ.ଅ । ସୁତରାଂ ସାହାବାମାନେ କହିଲେ, ଆମେମାନେ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲୁ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଏତେ ଅଧିକ ଦୁଆ କରିଛନ୍ତି ଆମେ କିଛି ମନେରଖି ପାରିଲୁ ନାହିଁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ସାହାବାଗଣ ! କ'ଣ ମୁଁ ତୁମମାନଙ୍କୁ ଏପରି ଏକ ଦୁଆ ସଂପର୍କରେ କହିବି ନାହିଁ ଯାହା ସେହି ସମସ୍ତ ଦୁଆର ପୂର୍ଣ୍ଣାଙ୍ଗ ଦୁଆ ଅଟେ ? ଆପଣ ସ.ଅ କହିଲେ, ତୁମେମାନେ ଏହି ଦୁଆ କରେ ଯେ, اَللّٰهُمَّ إِنَّا نَسْأَلُكَ مِنْ خَيْرِ مَا سَأَلَكَ مِنْهُ نَبِيُّكَ مُحَمَّدٌ صَلَّى اللّٰهُ عَلَيْهِ وَسَلَّمَ، وَنَعُوْذُبِكَ مِنْ شَرِّ مَا اسْتَعَاذَ مِنْهُ نَبِيُّكَ مُحَمَّدٌ صَلَّى اللّٰهُ عَلَيْهِ وَسَلَّمَ، وَأَنْتَ الْمُسْتَعَانُ، وَعَلَيْكَ الْبَلَاغُ، وَلَا حَوْلَ وَلَا قُوَّةَ إِلَّا بِاللّٰهِ ଅର୍ଥାତ୍ ହେ ଅଲ୍ଲାଃ ! ଆମ୍ଭେ ତୁମ୍ଭ ଠାରୁ ସେହି ପୁଣ୍ୟର ଅଭିଳାଷୀ ଯେଉଁ ପୁଣ୍ୟର ଅଭିଳାଷୀ ତୁମ୍ଭର ବାର୍ତ୍ତାବହ ମୁହମ୍ମଦ ସ.ଅ ଥିଲେ । ଆମ୍ଭେ ପ୍ରତ୍ୟେକ ସେହି ଉପଦ୍ରବ, ହିଂସାରୁ ତୁମ୍ଭର ଶରଣ ଭିକ୍ଷା କରୁଛୁ ଯହିଁରୁ ତୁମ୍ଭର ବାର୍ତ୍ତାବହ ତୁମ୍ଭର ଶରଣ ଭିକ୍ଷା କରିଥିଲେ। ତୁମ୍ଭେ ହିଁ ପ୍ରକୃତ ସାହାଯ୍ୟକର୍ତ୍ତା ଅଟେ । ଆମ୍ଭେମାନେ ତୁମ୍ଭ ନିକଟେରେ ହିଁ ପ୍ରାର୍ଥନା (ଦୁଆ) କିରଥାଉ ଓ ତୁମ୍ଭ ସାହାଯ୍ୟ ବ୍ୟତୀରେକ ଆମ୍ଭେମାନେ ପୁଣ୍ୟ କର୍ମ ସମ୍ପାଦନ କରିବାକୁ ଅକ୍ଷମ ଅଟୁ । ଆମ୍ଭେ ତୁମ୍ଭ ଠାରୁ ସୈତାନ୍‌ର ଆକ୍ରମଣରୁ ବର୍ତ୍ତିବା ନିମନ୍ତେ ଶକ୍ତି କାମନା କରୁଛୁ । **(ସୁନନୁତ୍ ତିର୍ମିଜି, ଅବ୍‌ୱାବୁଦ୍ ଦାୱାତ୍, ବାବ୍-ଦୁଆଉ ଉମ୍ମେ ସଲ୍‌ମା, ହଦିସ୍ ନଂ-3521)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଯଦି ଆମେମାନେ ଏହି ଦୁଆ କରିବୁ ତାହାହେଲେ ଯେଉଁଠି ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ଆମମାନଙ୍କ ହୃଦୟରେ ସୃଷ୍ଟି ହେବ ସେଠାରେ ସମସ୍ତ ସାମୂହିକ ଦୁଆ ଆମମାନଙ୍କ ହୃଦୟରୁ ବାହାରିବାକୁ ଆରମ୍ଭ ହୋଇଯିବ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ କ୍ଷମାଯାଚନା ତଥା କ୍ଷମା ଭିକ୍ଷା ନିମନ୍ତେ ଏକ ଦୁଆ ରହିଛି । ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କ ସୁପୁତ୍ର ନିଜ ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏହି ଦୁଆ କରୁଥିଲେ ଯେ, رَبِّ اغْفِرْلِيْ خَطِيْئَتِيْ وَجَهْلِيْ وَإِسْرَافِيْ فِيْ أَمْرِيْ كُلِّهِ وَمَا أَنْتَ أَعْلَمُ بِهِ مِنِّيْ اَللّٰهُمَّ اغْفِرْلِيْ خَطَايَايَ وَعَمْدِيْ وَجَهْلِيْ وَجِدِّيْ وَكُلُّ ذٰلِكَ عِنْدِيْ اَللّٰهُمَّ اغْفِرْلِيْ مَا قَدَّمْتُ وَمَا أَخَّرْتُ وَمَا أَسْرَرْتُ وَمَا أَعْلَنْتُ أَنْتَ الْمُقَدِّمُ وَأَنْتَ الْمُؤَخِّرُ وَأَنْتَ عَلٰى كُلِّ شَيْءٍ قَدِيْرٌ ଅର୍ଥାତ୍ ହେ ମୋ ଈଶ୍ୱର ! ମୋର ଦୋଷ ଦୁର୍ବଳତା, ମୋର ମୂର୍ଖତା, ମୋର ସମସ୍ତ ପ୍ରସଙ୍ଗ, ମୋର ଅତ୍ୟାଚାର ସଂପର୍କରେ ସର୍ବାଧିକ ରୂପେ ତୁମ୍ଭେ ହିଁ ଜାଣିଛ, ତେଣୁ ତୁମ୍ଭେ ମୋତେ କ୍ଷମା କରିଦିଅ । ହେ ମୋ ଅଲ୍ଲାଃ ! ମୋର ଦୋଷ ଦୁର୍ବଳତା ଏବଂ ଜାଣତେରେ ମୋ ଦ୍ୱାରା ଯେଉଁ ଭୁଲ୍ ହୋଇଯାଇଛି, ମୂର୍ଖତା ଏବଂ ଗମ୍ଭୀରତା ଦ୍ୱାରା ହୋଇଥିବା ମୋର ଦୋଷ ଏବଂ ମୋର ଅପରାଧକୁ ତୁମ୍ଭେ କ୍ଷମା କରିଦିଅ । ଏହି ସମସ୍ତ ଅପରାଧ ମୋ ପକ୍ଷରୁ ହୋଇଅଛି । ହେ ଅଲ୍ଲାଃ ! ମୋ ଦ୍ୱାରା ଯେଉଁ ପାପ ଓ ଅପରାଧ ପୂର୍ବେ ଏବଂ ପରେ ସମ୍ପାଦିତ ହୋଇଛି ତଥା ଯେଉଁ ପାପ ମୁଁ ଲୁଚି ଛପି କରିଛି, ଯେଉଁ ପାପ ମୁଁ ଜାଣିଶୁଣି ଖୋଲମଖୋଲା ଭାବରେ କରି ସାରିଛି ସେହି ପାପରୁ ତୁମ୍ଭେ ମୋତେ ପାପ ଏବଂ ମୋର ସେହି ଦୋଷ ଦୁର୍ବଳତାକୁ କ୍ଷମା କରିଦିଅ । ତୁମ୍ଭେ ହିଁ ଆରମ୍ଭ ଓ ତୁମ୍ଭେ ହିଁ ଶେଷ । ତୁମ୍ଭେ ପ୍ରତ୍ୟେକ ବସ୍ତୁ ଉପରେ ସାମର୍ଥ୍ୟ ରଖିଛି । ତୁମ୍ଭେ ସର୍ବ ଶକ୍ତିମାନ ଅଟ । **(ସହିହୁଲ୍ ବୁଖାରୀ, କିତାବୁଦ୍ ଦାୱାତ୍, ବାବ୍-କୌଲନ୍ ନବୀ ସ.ଅ ଅଲ୍ଲାହୁମ୍ମା ଇଗଫିରଲି ମା କଦ୍‌ଦମତ୍ ୱମା ତାଆଖ୍‌ଖରତ୍, ହଦିସ୍ ନଂ-6398)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ହଦିସ୍ ହେଉଛି ବୁଖାରୀର ଏବଂ ଏହି ବର୍ଣ୍ଣନାଗୁଡ଼ିକ ଏଇଥି ପାଇଁ ରହିଛି ଯେ, ଆମେମାନେ ଦୁଆ କରିବୁ । ସୁତରାଂ ଏହି ହଦିସ୍‌ଗୁଡ଼ିକ ଆମମାନଙ୍କୁ ଦୁଆ କରିବା ନିମନ୍ତେ ଶିକ୍ଷା ପ୍ରଦାନ କରିଥାଏ । ପୁନଶ୍ଚ ସେହିପରି ବିପତ୍ତି ଉଦ୍‌ବିଗ୍ନ ଅବସ୍ଥା ସଂପର୍କରେ ଏକ ଦୁଆର ଚର୍ଚ୍ଚା ଏହିପରି ମିଳେ ଯେ, لَا إِلٰهَ إِلَّا اللّٰهُ الْعَظِيْمُ الْحَلِيْمُ. لَا إِلٰهَ إِلَّا اللّٰهُ رَبُّ الْعَرْشِ الْعَظِيْمِ. لَا إِلٰهَ إِلَّا اللّٰهُ رَبُّ السَّمٰوَاتِ وَرَبُّ الْأَرْضِ وَرَبُّ الْعَرْشِ الْكَرِيْمِ **(ସହିହୁଲ୍ ବୁଖାରୀ, କିତାବୁଦ୍ ଦାୱାତ୍, ବାବ୍- ଅଦ୍ ଦୁଆଉ ଇନ୍ଦଲ୍ କର୍ବି, ହଦିସ୍ ନଂ-6346)**

ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଦୁଃଖ ଯନ୍ତ୍ରଣା ଅବସ୍ଥାରେ ଏହି ଦୁଆ ପାଠ କରୁଥିଲେ ଯେ, ହେ ଅଲ୍ଲାଃ ! ତୁମ୍ଭ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ତୁମ୍ଭେ ମହାନ ଏବଂ ଦୟାଳୁ ଅଟ । ତୁମ୍ଭେ ଆକାଶର ପ୍ରଭୁ ଅଟ । ତୁମ୍ଭେ ସର୍ବୋଚ୍ଚ ଆକାଶ ଗଗନର ପ୍ରଭୁ ଅଟ ।

ସେହିପରି ବିପତ୍ତି ଏବଂ ଘଡ଼ିସନ୍ଧି ମୁହୂର୍ତ୍ତରେ ଏକ ଦୁଆ ରହିଛି । ହ. ଅବୁ ହୁରୈରାହ୍ ର.ଅ ଏହିପରି ଚର୍ଚ୍ଚା କରିଛନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, كَانَ رَسُوْلُ اللّٰهِ يَتَعَوَّذُ مِنْ جَهْدِ الْبَلَاءِ وَدَرْكِ الشِّقَاءِ وَسُوْءِ الْقَضَاءِ وَشَمَاتَةِ الْأَعْدَاءِ **(ସହିହୁଲ୍ ବୁଖାରୀ, କିତାବୁଦ୍ ଦାୱାତ୍, ବାବ୍- ଅତ୍ ତଉଜୁ ମିନ୍ ଜୁହ୍‌ଦିଲ୍ ବଲା,**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 30 MAY 2024 Issue No.-22

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ହଦିସ୍ ନଂ-6347)**

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଅସହ୍ୟ ଯୋଗ୍ୟ ବିପତ୍ତି, ପରୀକ୍ଷା, ମୂର୍ଖତା, ଦୁର୍ଯୋଗ ଏବଂ ଶତ୍ରୁର ପ୍ରସନ୍ନ ହେବା ଦ୍ୱାରା ଅଲ୍ଲାଃତାଲାଙ୍କର ଶରଣ ଭିକ୍ଷା କରୁଥିଲେ ।

ସେହିପରି ସଂସାରର ଉପଦ୍ରବରୁ ବର୍ତ୍ତିବା ନିମନ୍ତେ ଏକ ଦୁଆ ରହିଛି । ସେହି ଦୁଆ ଏହିପରି ଅଟେ ଯେ, اَللّٰھُمَّ اِنِّیْ اَعُوْذُ بِکَ مِنَ الْبُخْلِ وَاَعُوْذُ بِکَ مِنَ الْجُبْنِ وَاَعُوْذُ بِکَ مِنْ اَنْ نُرَدَّ اِلٰی اَرْذَلِ الْعُمُرِ وَاَعُوْذُ بِکَ مِنْ فِتْنَۃِ الدُّنْیَا وَعَذَابِ الْقَبْرِ **(ସହିହୁଲ୍ ବୁଖାରୀ, କିତାବୁଦ୍ ଦାୱାତ୍, ବାବ୍- ଅତ୍ ତଉଜୁ ମିନ୍ ଫିତ୍‌ନତିଦ୍ ଦୁନିୟା , ହଦିସ୍ ନଂ-6390)**

ହ. ମୁସ୍‌ଅବ୍ ବିନ୍ ସାଆଦ୍ ବିନ୍ ଅବି ୱକ୍କାସ୍ ନିଜ ପିତାଶ୍ରୀଙ୍କ ଠାରୁ ଉପରୋକ୍ତ ବର୍ଣ୍ଣନାଟି ବର୍ଣ୍ଣନା କରିଛନ୍ତି ଯେ, ସେ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ ଆମମାନଙ୍କୁ ଏହି ବାଣୀ ଶିଖାଉଥିଲେ ଯେପରି ଲେଖା ପଢା ସଂପର୍କରେ ଶିକ୍ଷା ପ୍ରଦାନ କରାଯାଇଥାଏ । ଆପଣ ସ.ଅ ଏହି ଦୁଆ ଶିଖାଉଥିଲେ ଯେ, ହେ ଅଲ୍ଲାଃ ! ମୁଁ ତୁମ୍ଭର ଶରଣ ଭିକ୍ଷା କରୁଛି କୃପଣତାରୁ, ତୁମ୍ଭର ଶରଣ ଭିକ୍ଷା କରୁଛି ଭୀରୁତାରୁ, ମୁଁ ତୁମ୍ଭର ଶରଣ ଭିକ୍ଷା କରୁଛି ବାର୍ଦ୍ଧକ୍ୟ ଜନିତ ଦୁର୍ବଳତାରୁ ଏବଂ ତୁମ୍ଭର ଶରଣ ଭିକ୍ଷା କରୁଛି ସାଂସାରିକ ବିପତ୍ତି ଏବଂ ପରୀକ୍ଷା ଠାରୁ ଓ କବରର ଶାସ୍ତିରୁ ତୁମ୍ଭର ଶରଣ ଭିକ୍ଷା କରୁଛି । ଏହି ଦୁଆଟି ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ପୂର୍ଣ୍ଣାଙ୍ଗ ଦୁଆ ଅଟେ ।

ହୁଜୁରୁ ଅନ୍‌ୱର୍ ଅ.ବ କହିଲେ ସେହିପରି ମାର୍ଗଦର୍ଶନ ନିମନ୍ତେ ମଧ୍ୟ ଦୁଆ ରହିଛି। ଏହାର ଅନୁବାଦ ଏହିପରି ଯେ, ଇମ୍ରାନ୍ ବିନ୍ ହୁସୈନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ମୋର ପିତା ହୁସୈନ୍‌ଙ୍କୁ କହିଲେ, ତୁମ ପିତା ହୁସୈନ୍ ଯଦି ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇ ଥାଆନ୍ତେ ତାହାହେଲେ ମୁଁ ତୁମକୁ ଦୁଇଟି ବାଣୀର ଶିକ୍ଷା ଦେଇ ଥାଆନ୍ତି ଯାହାକି ତୁମ ନିମନ୍ତେ ଲାଭଜନକ ହୋଇ ଥାଆନ୍ତା । ଇମ୍ରାନ୍ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହୁସୈନ୍ (ଇମ୍ରାନଙ୍କ ପିତାଶ୍ରୀ ହୁସୈନ୍) ଇସ୍‌ଲାମ୍ ଧର୍ମ ସ୍ୱୀକାର କଲେ ସେତେବେଳେ ସେ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ମୋତେ ଯେଉଁ ପ୍ରତିଶୃତି ଦେଇଥିଲେ ସେହି ଦୁଇଟି ବାଣୀ ବା କଥା ସଂପର୍କରେ ମୋତେ ଶିକ୍ଷା ଦିଅନ୍ତୁ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ତୁମେ ଏହା କୁହ ଯେ, اَللّٰھُمَّ اَلْھِمْنِیْ رُشْدِیْ وَاَعِذْنِیْ مِنْ شَرِّ نَفْسِیْ ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ମୋର ମାର୍ଗଦର୍ଶନ ମାଧ୍ୟମରେ ମୋ ଉପରେ ଐଶୀବାଣୀ ଅବତୀର୍ଣ୍ଣ କର ଏବଂ ମୋର ଆତ୍ମାର ଉପଦ୍ରବରୁ ମୋତେ ସୁରକ୍ଷା ପ୍ରଦାନ କର । ଏହି ଦୁଆକୁ ସାଂପ୍ରତିକ କାଳରେ ଅତ୍ୟଧିକ ପାଠ କରିବାର ଆବଶ୍ୟକତା ରହିଛି ।

ସେହିପରି ଶତ୍ରୁରୁ କୁଉଦ୍ଦେଶ୍ୟ ବିରୁଦ୍ଧରେ ଦୁଆ ରହିଛି । ହ. ଅବୁ ବୁର୍ଦା ବିନ୍ ଅବ୍‌ଦିଲ୍ଲାଃହି ଉକ୍ତ ବର୍ଣ୍ଣନାଟିକୁ ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି, ମୋ ପିତାଶ୍ରୀ ମୋତେ କହିଲେ ଯେ, ନବୀ କରୀମ୍ ସ.ଅ ଯେତେବେଳେ କୌଣସି ଜାତି ପକ୍ଷରୁ ଭୟ ଅନୁଭବ କରୁଥିଲେ ସେତେବେଳେ ଆପଣ ସ.ଅ ଏହି ଦୁଆ କରୁଥିଲେ اَللّٰھُمَّ اِنَّا نَجْعَلُکَ فِیْ نُحُوْرِھِمْ وَنَعُوْذُبِکَ مِنْ شُرُوْرِھِمْ । ଅର୍ଥାତ୍ ହେ ଅଲ୍ଲାଃ ! ଆମେମାନେ ତୁମ୍ଭକୁ ସେମାନଙ୍କ ହୃଦୟ ବିପକ୍ଷରେ ରଖୁଛୁ ଏବଂ ସେମାନଙ୍କ ଉପଦ୍ରବରୁ ତୁମ୍ଭର ଶରଣ ଭିକ୍ଷା କରୁଛି । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ୱିତ୍‌ରି ବାବ୍- ମା ୟୁକୁଲୁ ଇଜା ଖାଫା କୌମନ୍, ହଦିସ୍ ନଂ-1537)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ଆଜିକାଲି ଏହି ଦୁଆ ମଧ୍ୟ ସମସ୍ତ ଅହେମଦିମାନଙ୍କୁ ଅତ୍ୟଧିକ ଭାବରେ ପାଠ କରିବା ଉଚିତ୍ । ଅଲ୍ଲାଃତାଲା ଶତ୍ରୁର ଉପଦ୍ରବରୁ ଆମକୁ ରକ୍ଷା କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ସେହି ଦୁଆ ସଂପର୍କରେ ଆଲୋଚନା କରିବି ଯାହା ହ. ମସିହ୍ ମଉଦ୍ ଅ.ସଙ୍କ ପକ୍ଷରୁ ଆମମାନଙ୍କୁ ହସ୍ତଗତ (ପ୍ରାପ୍ତ) ହୋଇଛି । ଯହିଁରେ କେତେକ ଆଦେଶାବଳୀ ରହିଛି ଏବଂ କେତେକ ଦୁଆ ରହିଛି। ମୌଲବୀ ନଜୀର୍ ହୁସୈନ୍ ସଖା ଦେହେଲ୍‌ୱୀ ପୁଣ୍ୟଶ୍ଳୋକ ଅ.ସଙ୍କ ସେବାରେ ଏକ ପତ୍ର ଲେଖିଲେ ଯେ, ହୁଜୁର ! ଅଲ୍ଲାଃତାଲାଙ୍କ ସାମୀପ୍ୟତା ପ୍ରାପ୍ତ କରିବା ନିମନ୍ତେ କେଉଁ ପନ୍ଥା ରହିଛି ? ଆମେମାନେ କିପରି ଅଲ୍ଲାଃତାଲାଙ୍କ ଆଡ଼କୁ ଧ୍ୟାନ ଏବଂ ଏକାଗ୍ରତା ସୃଷ୍ଟି କରିପାରିବୁ । ହ. ମସିହ୍ ମଉଦ୍ ଅ.ସ ଯେଉଁ ଉତ୍ତର ଦେଲେ ତାହା ଏହା ଥିଲା ଯେ, اَلسَّلَامُ عَلَیْکُمْ وَرَحْمَۃُ اللّٰہِ وَبَرَکَاتُہٗ । ପନ୍ଥା ଏହିକି ଯେ, ନମାଜରେ ନିଜ ନିମନ୍ତେ ଦୁଆ କରନ୍ତୁ । ସଂକ୍ଷିପ୍ତ ଓ ଅବଚେତନ ନମାଜ ପାଠ କରି ପ୍ରସନ୍ନ ହୋଇ ଯାଆନ୍ତୁ ନାହିଁ । ବରଂ ଯଥାସମ୍ଭବ ଧ୍ୟାନପୂର୍ବକ ନମାଜ ପାଠ କରନ୍ତୁ ଓ ଯଦି ନମାଜରେ ଏକାଗ୍ରତା ସୃଷ୍ଟି ହେଉ ନାହିଁ ତେବେ ପାଞ୍ଚବେଳା ନମାଜରେ ଅଲ୍ଲାଃତାଲାଙ୍କ ସମକ୍ଷରେ ପ୍ରତ୍ୟେକ ରେକାତ୍ ପରେ ଛିଡ଼ା ହୋଇ ଏହି ଦୁଆ କରନ୍ତୁ- "ହେ ସର୍ବଶକ୍ତିମାନେ, ପ୍ରତାପୀ ଈଶ୍ୱର ! ମୁଁ ପାପୀ ଅଟେ ଏବଂ ପାପ ରୂପକ ବିଷ ମୋ ହୃଦୟରେ ଓ ଶିରା ପ୍ରଶିରାରରେ ପ୍ରଭାବିତ କରିଛି ଯେ, ମୋ ହୃଦୟରେ ଆର୍ଦ୍ରତା (ରୋଦନ) ଏବଂ ନମାଜରେ ତୁମ୍ଭର ସାମୀପ୍ୟତା ପ୍ରାପ୍ତ ହୋଇପାରିବ ନାହିଁ। ତୁମ୍ଭେ ନିଜର କୃପା ଦ୍ୱାରା ମୋ ପାପକୁ କ୍ଷମା କରିଦିଅ । ମୋ ପାପକୁ କ୍ଷମା ଦେଇ ମୋ ହୃଦୟକୁ କୋମଳ କରିଦିଅ । ମୋ ମନରେ ତୁମ୍ଭର ମର୍ଯ୍ୟାଦା ଏବଂ ତୁମ୍ଭର ଭୟ ଏବଂ ତୁମ୍ଭର ପ୍ରେମକୁ ଆସନ୍ନିତ କରିଦିଅ । କାରଣ ଏହା ମାଧ୍ୟମରେ ମୋର କ୍ରୁର ହୃଦୟତା ଦୂରୀଭୂତ ହୋଇ ନମାଜରେ ତୁମ୍ଭର ସାମୀପ୍ୟତ ପ୍ରାପ୍ତ ହେବ ।"
**(ମକ୍‌ତୁବାତେ ଅହେମଦ, ଭାଗ-5, ପୃ-471, ସଂସ୍କର୍ଣ ବର୍ଷ-2015 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନମାଜରେ ଏକାଗ୍ରତା ସୃଷ୍ଟି କରିବା ନିମନ୍ତେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରନ୍ତୁ । ଆପଣ ଅ.ସ ପୁନଶ୍ଚ ଏକ ସ୍ଥାନରେ ଏହି ଦୁଆ କଲେ ଯେ, "ହେ ମୋ ପରୋପକାରୀ ଈଶ୍ୱର ! ମୁଁ ତୁମ୍ଭର ଏକ ଅକର୍ମଣ୍ୟ ଭକ୍ତ ଅଟେ । ମୁଁ ପାପୀ, ଅବଚେତନ ଅଟେ । ତୁମ୍ଭେ ଅବଲୋକନ କଲ ଯେ, ମୋ ଦ୍ୱାରା କେବଳ ଅତ୍ୟାଚାର ଓ ଅତ୍ୟାଚାର ହିଁ ହୋଇଛି । କିନ୍ତୁ ତୁମ୍ଭେ ମୋ ଉପରେ କେବଳ ଉପକାର ପରେ ଉପକାର କରି ଚାଲିଲ । ଆଉ ମୁଁ କେବଳ ପାପ ପରେ ପାପ କରି ଚାଲିଲି । ତୁମ୍ଭେ ସର୍ବଦା ମୋ ପାପକୁ ଲୁଚାଇଲ ଏବଂ ନିଜର ଅସଂଖ୍ୟ ପୁରସ୍କାର ଦ୍ୱାରା ମୋତେ ସମ୍ମାନିତ ଓ ଲାଭାନ୍ୱିତ କଲ । ସୁତରାଂ ତୁମ୍ଭେ ଏବେ ମଧ୍ୟ ମୋର ଅଯୋଗ୍ୟତା ଏବଂ ମୋର ପାପୀଷ୍ଠ ହେବା ଉପରେ ଦୟା କର । ମୋର ଘୃଷ୍ଟତା ଏବଂ ଅକୃତଜ୍ଞତାକୁ କ୍ଷମା କରେ ଏବଂ ଦୁଃଖ ଦୁର୍ଦ୍ଦଶାରୁ ମୋତେ ମୁକ୍ତି ପ୍ରଦାନ କର । କାରଣ ତୁମ୍ଭ ବିନା ଅନ୍ୟ ଗତି ନାହିଁ । **ଆମିନ୍** ।"

**(ମକ୍‌ତୁବାତ୍ ଅହେମଦ, ଭାଗ-2, ପୃ-10, ସଂସ୍କରଣ ବର୍ଷ-2015 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଏପରି ଦୁଆ ଯେ, ମୁଁ ଭାବୁଛି ଯେ, ଏହାକୁ ପ୍ରତ୍ୟେକ ଦିନ ପଢିବା ଉଚିତ୍ । ଆପଣମାନେ ନିଜ ନିଜର ସମୀକ୍ଷା କରନ୍ତୁ । ଉକ୍ତ ଦୁଆଟି ହ. ଖଲିଫତୁଲ୍ ମସିହ୍ ଅୱଲ୍‌ଙ୍କ ନାମରେ ଏକ ପତ୍ରରେ ଉଲ୍ଲିଖିତ ଥିଲା । ତାଙ୍କର (ଆପଣ ର.ଅଙ୍କ) ମର୍ଯ୍ୟାଦା କୁ ଦେଖି ଆମମାନଙ୍କୁ ଚିନ୍ତା କରିବା ଉଚିତ୍ ଯେ, କିଭଳି ଏକାଗ୍ରତା ଓ ଧ୍ୟାନପୂର୍ବକ ଭାବରେ ଆମମାନନଙ୍କୁ ଦୁଆ କରିବା ଉଚିତ୍। ଯଦି ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କୁ ଆପଣ ଅ.ସ ଏହି ଦୁଆ ଲେଖିଥିଲେ ତେବେ ଆମମାନଙ୍କୁ ଏହାଠୁ ଅଧିକ ଦୁଆ କରିବା ପ୍ରତି ଧ୍ୟାନ ଦେବା ଉଚିତ୍ । ଦୁଆ ଯଦି ହୃଦୟର ଅତଳ ଗହ୍ୱରରୁ ହୋଇଥିବ ତେବେ ତାହା ଅଲ୍ଲାଃତାଲାଙ୍କ କୃପାକୁ ମଧ୍ୟ ଅବଶ୍ୟ ଆକର୍ଷିତ କରିବ ।

ହୁଜୁର ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ ଆଉ ଏକ ଦୁଆ ରହିଛି ଯାହାକି ଆପଣ ଅ.ସଙ୍କ ବିନୀତତା ଓ ଈଶ୍ୱର ଭୀରୁତାର ପରିପ୍ରକାଶକ ଅଟେ । ଏହି ଦୁଆ ଆମମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷିତ କରିଥାଏ । କାରଣ ଆମେମାନେ ମଧ୍ୟ ନିଜ ନିଜ ଅବସ୍ଥାର ଆତ୍ମ ସମୀକ୍ଷା କରି ଏହି ଦୁଆ କରିବା ଉଚିତ୍ । ଆପଣ ଅ.ସ କୁହନ୍ତି: "ସକଳ ଜଗତର ପାଳନକର୍ତ୍ତା ! ତୁମ୍ଭ ଉପକାରର ମୁଁ କୃତଜ୍ଞତା ଜ୍ଞାପନ କରିପାରିବି ନାହିଁ । କାରଣ ତୁମ୍ଭେ ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ଅଟ । ମୋ ଉପରେ ତୁମ୍ଭର ଅସଂଖ୍ୟ ଉପକାର ରହିଛି । ତୁମ୍ଭେ ମୋ ପାପକୁ କ୍ଷମା କରିଦିଅ ନଚେତ୍ ମୁଁ ମରିଯିବି, ମୋର ସର୍ବନାଶ ହୋଇଯିବ । ମୋ ମନରେ ନିଜର ବିଶେଷ ପ୍ରେମ ସୃଷ୍ଟି କର କାରଣ ମୋତେ ଏକ ନୂତନ ଜୀବନ ପ୍ରାପ୍ତ ହେଉ । ତୁମ୍ଭେ ମୋ ଦୋଷ ଦୁର୍ବଳତାକୁ ଲୁଚାଅ ଓ ମୋ ଦ୍ୱାରା ଏପରି କର୍ମ ସମ୍ପାଦନ କରାଅ ଯଦ୍ଦ୍ୱାରା ତୁମ୍ଭେ ପ୍ରସନ୍ନ ହୋଇଯିବ । ମୁଁ ତୁମ୍ଭର ଅଶେଷ ଦୟା ଓ କରୁଣା ସହିତ ତୁମ୍ଭର ଶରଣ ଭିକ୍ଷା କରୁଛି ଯେ, ତୁମ୍ଭର କୋପ ମୋ ଉପରେ ଅବତୀର୍ଣ୍ଣ ହୋଇ ନଯାଉ । ତୁମ୍ଭେ ମୋ ଉପରେ ଦୟାବତୀର୍ଣ୍ଣ କର ଏବଂ ଇହକାଳ ଓ ପରକାଳର ବିପତ୍ତିରୁ ମୋତେ ଉଦ୍ଧାର କର । କାରଣ ପ୍ରତ୍ୟେକ କୃପା ଏବଂ ଦୟା ତୁମ୍ଭରି ହାତ ମୁଠାରେ ରହିଛି । ଆମିନ୍ ।" **(ମଲ୍‌ଫୁଜାତ୍, ଭାଗ-1, ପୃ-235, ସଂସ୍କରଣ ବର୍ଷ-1984)**

ସେହିପିର ହ. ମସିହ୍ ମଉଦ୍ ଅ.ସଙ୍କ ଆଉ ଏକ ଦୁଆ ରହିଛି ଯାହାକୁ ଆପଣ ଅ.ସ ପୈଗାମେ ସୁଲାହ୍‌ରେ ଉଲ୍ଲେଖ କରିଥିଲେ । ତେଣୁ ଏଥିପ୍ରତି ମଧ୍ୟ ଆମମାନଙ୍କୁ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି;

**(ଅବଶିଷ୍ଟାଂଶ............ପରବର୍ତ୍ତୀ ସଂଖ୍ୟାରେ)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan